بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحْمَدُہٗ وَنُصَلِّیْ عَلٰی رَسُوْلِہِ الْکَرِیْمِ وَعَلٰی عَبْدِہِ الْمَسِیْحِ الْمَوْعُوْدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୫

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ
ବଦର
Weekly BADAR Qadian Odia
କାଦିଆନ

ସଂଖ୍ୟା: 46
ବାର୍ଷିକ ଦେୟ : ୬୦୦/-

www.akhbarbadr.in
01 ଜମାଦିଉଲ୍ ଉଲା 1445 ହି.କ, 16 ନବୁଓତ୍ 1402 ହି.ଶ 16 NOV 2023 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

وَاَمَّا مَنۡ اٰمَنَ وَعَمِلَ صَالِحًا فَلَہٗ جَزَآءَ ۨالۡحُسۡنٰی ۚ وَسَنَقُوۡلُ لَہٗ مِنۡ اَمۡرِنَا یُسۡرًا ۔

(ଅଲ୍ କହଫ୍-୮୯)

**ଅନୁବାଦ :** ଏବଂ ଯେ ବିଶ୍ୱାସ କରିବ ଓ ସତ୍‌କାର୍ଯ୍ୟ କରିବ ତାହା ପାଇଁ ଅଲ୍‌ଲାଃତାଲାଙ୍କ ନିକଟରେ ଉତ୍ତମ ପୁରସ୍କାର ନିୟତ ଅଛି ଏବଂ ଆମେ ମଧ୍ୟ ନିଶ୍ଚୟ ତା' ପାଇଁ ନିଜ ଆଦେଶରେ ସହଜ ସାଧ କଥା କହିବୁ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନ୍‌ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### (ମଦ୍ୟ ଅବୈଧ ହେବା ପୂର୍ବରୁ ଯେଉଁ ବ୍ୟକ୍ତି ମଦ୍ୟପାନ କରିଥିଲା)..

**(2464)** ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଅବୁ ତଲ୍‌ହା ର.ଅଙ୍କ ଘରେ (ଏକ ସଭାରେ) ଲୋକମାନଙ୍କୁ ସୁରା ବା ମଦ୍ୟପାନ କରାଉଥିଲି । ସେହି ଦିନମାନଙ୍କରେ ମଦ୍ୟ ଖଜୁରୀରୁ ପ୍ରସ୍ତୁତ ହେଉଥିଲା । ରସୁଲ୍ କରୀମ୍ ସ.ଅ ଜଣେ ଘୋଷଣାକାରୀ ବ୍ୟକ୍ତିକୁ ଆଦେଶ ଦେଲେ ଯେ, ସେ ସର୍ବସାଧାରଣରେ ଏହି ଘୋଷଣା କରୁ ଯେ, ସମସ୍ତେ ଧ୍ୟାନପୂର୍ବକ ଶୁଣିନିଅ ! ମଦ୍ୟ (ଆଜିଠୁ) ଅବୈଧ କରିଦିଆଯାଇଛି । (ହ. ଅନସ୍ ର.ଅ) କୁହନ୍ତି: ପ୍ରତ୍ୟୁତ୍ତରରେ ମୋତେ ଅବୁ ତଲ୍‌ହା ର.ଅ କହିଲେ: ବାହାରକୁ ବାହାର ଓ ଏହାକୁ (ମଦ ମାଠିଆକୁ) ଓଲଟାଇ ଦିଅ । ମୁଁ ବାହାରକୁ ଗଲି ଓ ମଦ୍ୟ ମାଠିଆକୁ ଓଲଟାଇ ଦେଲି । ମଦିନାର ଗଳି କନ୍ଦିରେ ଖାଲି ମଦ୍ୟ ପ୍ରବାହିତ ହେବାକୁ ଲାଗିଲା । କେତେକ ଲୋକ କହିବାକୁ ଲାଗିଲେ, ଏପରି ଲୋକମାନେ ମଧ୍ୟ ନିହତ ହୋଇଛନ୍ତି ଯେଉଁମାନଙ୍କ ପେଟରେ ମଦ୍ୟ ଥିଲା। ସେତେବେଳେ ଅଲ୍ଲାଃତାଲା ଏହି ଆୟତ୍ ଅବତୀର୍ଣ୍ଣ କଲେ: "ସେହି ଲୋକମାନେ ଯେଉଁମାନେ ବିଶ୍ୱାସ ଆଣିଲେ ଏବଂ ସତ୍‌କର୍ମ ସମ୍ପାଦନ କଲେ ଏବଂ ସେମାନେ ଏହି ଆଦେଶବଳୀ ଅବତୀର୍ଣ୍ଣ ହେବା ପୂର୍ବରୁ ଅବୈଧ ଆହାର ସେବନ କରି ନେଇଛନ୍ତି ଓ ପାନୀୟ (ମଦ୍ୟ) ପାନ କରିନେଇଛନ୍ତି ସେମାନେ ଏଥିପାଇଁ ଅପରାଧୀ ହେବେ ନାହିଁ (କାରଣ ଏହି କର୍ମ ସେମାନେ ଉକ୍ତ ଆୟତ୍ ଅବତୀର୍ଣ୍ଣ ହେବା ପୂର୍ବରୁ ସମ୍ପାଦନ କରିଥିଲେ) ।"

**ବ୍ୟାଖ୍ୟା**:- ହ. ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ର.ଅ କୁହନ୍ତି: ଏହା ଏକ ସ୍ୱଭାବିକ ପ୍ରଶ୍ନ ଥିଲା ଯାହାକି ମଦ୍ୟ ଅବୈଧର ଘୋଷଣା ହେବା ଯୋଗୁଁ କେତେକ ବ୍ୟକ୍ତିଙ୍କ ହୃଦୟରେ ସୃଷ୍ଟି ହୋଇଥିବ ଯେ, ବଦର୍ ଓ ଓହୋଦ୍ ଯୁଦ୍ଧରେ କେତେକ ସାହାବାମାନେ ବୀରଗତି ପ୍ରାପ୍ତ କଲେ ଓ ସେମାନଙ୍କ ପେଟରେ ମଦ୍ୟ ଭଳି ଅବୈଧ ବସ୍ତୁ ଥିଲା । ଐଶୀବାଣୀ ଉକ୍ତ ସନ୍ଦେହକୁ ଦୂରୀଭୂତ କରି କହିଲା: "ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରିଛନ୍ତି ଯଦି ସେମାନେ ଅଲ୍ଲାଃଙ୍କୁ ଭୟ କରିବେ ଓ ବିଶ୍ୱାସ କରିବେ ଓ ସତ୍‌କର୍ମ କରିବେ ଏବଂ ପୁନରପି ଅଲ୍ଲାଃଙ୍କୁ ଅଧିକ ଭୟ କରିବେ ଓ ବିଶ୍ୱାସ କରିବେ ଏବଂ ପୁନଶ୍ଚ ଅଲ୍ଲାଃଙ୍କୁ ଅଧିକତର ଭୟ କରିବେ ଓ ହିତ ସାଧନ କରିବେ ତେବେ ସେମାନେ ଯାହା କିଛି ଖାଇବେ ସେଥିପାଇଁ ସେମାନଙ୍କର କୌଣସି ପାପ ହେବ ନାହିଁ ଏବଂ ଅଲ୍ଲାଃ ହିତକାରୀମାନଙ୍କୁ ପ୍ରେମ କରନ୍ତି ।"

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

☆ ☆ ☆

### ପ୍ରତିଶୃତ ମସିହ୍[ଅ.ସ]ଙ୍କ ନିତୀବାଣୀ:-

**ମୁଁ ତୁମମାନଙ୍କୁ ଉପଦେଶ ଦେଉଅଛି ଯେ, ତୁମେମାନେ ନିଜ ମଧ୍ୟରେ ସେହି ବିଶ୍ୱାସ ସୃଷ୍ଟି କର ଯାହା ହ. ଅବୁ ବକର ର.ଅ ସୃଷ୍ଟି କରିଥିଲେ ।**

**ତହିଁରେ ସୁଚିନ୍ତାଧାରା ଏବଂ ଧୈର୍ଯ୍ୟ ଅନ୍ତର୍ନିହିତ ରହିଛି । ତାହା ଅନେକ କଲ୍ୟାଣ ଓ ଫଳାଫଳର ଫଳଶୃତି ଅଟେ ।**

**ନିଦର୍ଶନକୁ ଦେଖି ସ୍ୱୀକାର କରିବା ଓ ବିଶ୍ୱାସ କରିବା ନିଜର ବିଶ୍ୱାସକୁ ସର୍ତ୍ତ ରଖିବା ସହିତ ସମାନ ଅଟେ । ଏହା ଦୁର୍ବଳ ହୋଇଥାଏ ଏବଂ ପ୍ରାୟତଃ ଭରସାଯୋଗ୍ୟ ହୋଇ ନଥାଏ ।**

### .........(ହ. ଅବୁ ବକର ର.ଅଙ୍କ ବିଶ୍ୱାସ)..........

ହ. ଅବୁ ବକର୍ ର.ଅଙ୍କ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଆପଣ ର.ଅ ଯେତେବେଳେ ବାଣିଜ୍ୟ ବ୍ୟବସାୟରୁ ପ୍ରତ୍ୟାବର୍ତ୍ତନ କରୁଥିଲେ ଏବଂ ବର୍ତ୍ତମାନ ମକ୍କାରେ ପହଞ୍ଚି ନଥିଲେକି ମାର୍ଗରେ ହିଁ ଏକ ବ୍ୟକ୍ତି ଭେଟ ହେଲା । ହ. ଅବୁ ବକର ର.ଅ ଉକ୍ତ ବ୍ୟକ୍ତିକୁ ସଦ୍ୟତମ ସୂଚନା ଦେବା ସଂପର୍କରେ କହିଲେ । ଉକ୍ତ ବ୍ୟକ୍ତି ଜଣକ କହିଲା ଯେ, କିଛି ନୂତନ ସୂଚନା ନାହିଁ । ହଁ ଏକଥା ଅବଶ୍ୟ ସତ୍ୟ ଯେ, ତୁମ୍ଭର ମିତ୍ର (ମୁହମ୍ମଦ୍ ସ.ଅ) ଅବତାରତ୍ୱର ଦାବି କରିଛନ୍ତି । ହ. ଅବୁ ବକର ର.ଅ ସେହିଠାରେ ହିଁ ଛିଡ଼ା ହୋଇ କହିଲେ ଯେ, ଯଦି ସେ (ହ. ମୁହମ୍ମଦ ସ.ଅ) ଏହି ଦାବି କରିଛି ତେବେ ସେ ନିଶ୍ଚିତ ସତ୍ୟ ଅଟେ । ସୁତରାଂ ଆପଣ ର.ଅ ଯେତେବେଳେ ମକ୍କାର ପହଞ୍ଚିଲେ ସେତେବେଳେ ଆପଣ ସ.ଅ ଆଁହଜରତ ସ.ଅଙ୍କୁ ସାକ୍ଷାତ୍ କଲେ ଓ ଆପଣ ସ.ଅଙ୍କୁ ପଚାରିଲେ ଯେ, ହେ ମୁହମ୍ମଦ୍ ସ.ଅ ! କ'ଣ ଆପଣ ପ୍ରକୃତରେ ଅବତାରତ୍ୱର ଦାବି କରିଛନ୍ତି । ଆପଣ ସ.ଅ କହିଲେ ହଁ । ସୁତରାଂ ହ. ଅବୁ ବକର ର.ଅ ସେହି ମୁହୂର୍ତ୍ତରେ ହିଁ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲେ । ସତ୍ୟବାଦୀ ହ. ଅବୁ ବକର ର.ଅଙ୍କୁ ଇସଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ କୌଣସି ଚମତ୍କାରର ଆବଶ୍ୟକତା ପଡ଼ିଲା ନାହିଁ । ଚମତ୍କାର ଅବଲୋକନକାରୀ ହେଉଛନ୍ତି ସେହିମାନେ ଯେଉଁମାନଙ୍କୁ ବ୍ୟକ୍ତିଗତ ପରିଚୟ ନଥାଏ । କିନ୍ତୁ ଯାହାକୁ ବ୍ୟକ୍ତିଗତ ପରିଚୟ ପ୍ରାପ୍ତ ହୋଇଯାଏ ତାହାକୁ ଚମତ୍କାରର ଆବଶ୍ୟକତା ଓ ଚମତ୍କାର ଅବଲୋକନ କରିବାର ଆଗ୍ରହ ସୃଷ୍ଟି ହୋଇ ନଥାଏ । ଏହି କାରଣରୁ ହ.

ଅବୁ ବକର ର.ଅ କୌଣସି ଚମତ୍କାର ଦେଖାଇବା ପାଇଁ ଆଁହଜରତ ସ.ଅଙ୍କୁ କହିଲେ ନାହିଁ । କାରଣ ସେ ଆଁହଜରତ ସ.ଅଙ୍କର ଅବସ୍ଥା ସହିତ ଭଲ ଭାବରେ ଅବଗତ ଓ ପରିଚିତ ଥିଲେ । କାରଣ ଆଁହଜରତ ସ.ଅ ସତ୍ୟବାଦୀ ଓ ବିଶ୍ୱସ୍ତ ବ୍ୟକ୍ତି ଅଟନ୍ତି । ଆପଣ ସ.ଅ ମିଥ୍ୟାବାଦୀ ନୁହନ୍ତି । ଯେତେବେଳେ ସେ (ଆଁହଜରତ ସ.ଅ) କୌଣସି ବ୍ୟକ୍ତି ଉପରେ ମିଥ୍ୟାରୋପଣ କରନ୍ତି ନାହିଁ ସେତେବେଳେ ଅଲ୍ଲାଃତାଲାଙ୍କ ଉପରେ ମିଥ୍ୟାରୋପଣ କରିବାକୁ ମଧ୍ୟ ଆପଣ ସ.ଅ ସାହାସ କରିପାରିବେ ନାହିଁ ।

ସୁତରାଂ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ନିଦର୍ଶନ କେବଳ ଏଇଥିପାଇଁ ଭିକ୍ଷା କରାଯାଇଥାଏ ଯେ, ସେହି କଥାର ସମ୍ଭାବନା ହୋଇଥିବ ଯେ, ସମ୍ଭବତଃ ମିଥ୍ୟା ହିଁ କହିଥିବେ, କିନ୍ତୁ ଭଲ ଭାବରେ ଜ୍ଞାତ ହେଉ ଯେ, ଦାବିକାରୀ ସତ୍ୟବାଦୀ ଓ ବିଶ୍ୱସ୍ତ ଅଟେ । ପୁନଶ୍ଚ ସେପରିପ୍ରେକ୍ଷୀରେ ନିଦର୍ଶନ ଅବଲୋକନ କରିବାର କୌଣସି ଆବଶ୍ୟକତା ପଡ଼େ ନାହିଁ । ଏକଥା ସ୍ମରଣ ରହୁ କି ଯେଉଁ ବ୍ୟକ୍ତିମାନେ ନିଦର୍ଶନ ଅବଲୋକନ କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ଏବଂ ବ୍ୟଗ୍ର ତଥା ଅଝଟ ହୁଅନ୍ତି ସେପରି ଲୋକମାନେ ସୁଦୃଢ ବିଶ୍ୱାସକାରୀ ହୋଇପାରିବେ ନାହିଁ । ବରଂ ପ୍ରତ୍ୟେକ ମୁହୂର୍ତ୍ତ ସେମାନେ ବିପଦ ସ୍ଥାନରେ ରୁହନ୍ତି । ଆଦୃଷ୍ଟ ବିଶ୍ୱାସର ଫଳ ସେମାନଙ୍କୁ ପ୍ରାପ୍ତ ହୁଏ ନାହିଁ। କାରଣ ଆଦୃଷ୍ଟ ବିଶ୍ୱାସ ମଧ୍ୟରେ ଏକ ପୁଣ୍ୟ କାର୍ଯ୍ୟର ସୁଧାରଣା ମଧ୍ୟ ରହିଥାଏ । ଫଳତଃ ଯେଉଁ ବ୍ୟକ୍ତି ନିଦର୍ଶନ ଦେଖିବା ନିମନ୍ତେ ଶୀଘ୍ରତା ପ୍ରଦର୍ଶନ କରେ ଓ ଜୋର୍ ଦେଇଥାଏ ତା'କୁ ଶୀଘ୍ର ନିଦର୍ଶନ ଦେଖାଇ ଦିଆଯାଉ ତେବେ ସେହି ଶୀଘ୍ରତା ପ୍ରଦର୍ଶନ କରୁଥିବା ବ୍ୟକ୍ତି ହତଭାଗ୍ୟ ହୋଇ ରହି ଯାଇଥାଏ । ହ. ଇସା ଅ.ସଙ୍କ ଶିଷ୍ୟ ଆହାର ଅବତୀର୍ଣ୍ଣ ହେବା ଉପରେ ଯେତେବେଳେ ଜୋର ଦେଲେ ସେତେବେଳେ ଅଲ୍ଲାଃତାଲା ସେମାନଙ୍କୁ ଦୃଢ ଅସମ୍ମତିମୂଳକ ଧମକ ମଧ୍ୟ ଦେଲେ ଓ କହିଲେ, ଆମ୍ଭେ ତ' ଆହାର ଅବତୀର୍ଣ୍ଣ କରିବୁ କିନ୍ତୁ ଆହାର ଅବତୀର୍ଣ୍ଣ ହେବା ପରେ ଯେଉଁ ବ୍ୟକ୍ତି ଏହାକୁ ପ୍ରତ୍ୟାଖ୍ୟାନ କରିବ ତେବେ ତାହା ଉପରେ ଭୟଙ୍କର ଶାସ୍ତି ଅବତୀର୍ଣ୍ଣ ହେବ । ପବିତ୍ର କୁର୍ଆନ୍ କରୀମ୍‌ରେ ଉକ୍ତ ଘଟଣାର ଚର୍ଚ୍ଚାରୁ ଏହି ଲାଭ ସୂଚାଇ ଦିଆଯାଇଛି ଯେ, କେଉଁଟି ସର୍ବୋତ୍କୃଷ୍ଟ ବିଶ୍ୱାସ ? ପ୍ରକୃତ ଏହା ଯେ, ଅଲ୍ଲାଃତାଲାଙ୍କର ନିଦର୍ଶନ ଜାଜୁଲ୍ୟମାନ ଓ ଆଲୋକ ମଧ୍ୟରୁ ଅନ୍ୟତମ ଅଟନ୍ତି । କିନ୍ତୁ ତତ୍‌ସହିତ ଏକ ପକ୍ଷରେ ପ୍ରମାଣ ସାବ୍ୟସ୍ତ କରିବା ମଧ୍ୟ ସ୍ୱୀକାର୍ଯ୍ୟ ହୋଇଥାଏ ଓ ଦ୍ୱିତୀୟ ପକ୍ଷରେ ଗୋଷ୍ଠୀର ପରୀକ୍ଷା । ଅତଃ ତହିଁ କେତେକ ପ୍ରସଙ୍ଗ ଏପରି ମଧ୍ୟ ହୋଇଥାଏ ଯାହା ନିଜ ସହିତ ଏକ ପରୀକ୍ଷା ମଧ୍ୟ ରଖନ୍ତି । ଏହା ନିୟମଭିତ୍ତିକ ପ୍ରସଙ୍ଗ ଯେ, ନିଦର୍ଶନ ଅବଲୋକନକାରୀ ବ୍ୟକ୍ତିମାନେ ଶୀଘ୍ରତା ପ୍ରଦର୍ଶନକାରୀ ଓ ସୁଧାରଣାରୁ ବଞ୍ଚିତ ଅଟନ୍ତି । ସେମାନଙ୍କ ସ୍ୱଭାବରେ ଏକ ସଂଶୟ ଓ ସନ୍ଦେହ ସୃଷ୍ଟି କରିବାର ଗୁଣ ଥାଏ । ଫଳତଃ ସେମାନେ ନିଦର୍ଶନ ଭିକ୍ଷା କରିଥାଆନ୍ତି । ସୁତରାଂ ସେମାନେ ଯେତେବେଳେ ନିଦର୍ଶନ ଅବଲୋକନ କରନ୍ତି ସେତେବେଳେ ଅଶିଷ୍ଟ ରୂପେ ଏହାର ଅର୍ଥ କରିବାକୁ ଆରମ୍ଭ କରିଦିଅନ୍ତି ଓ ଏହାକୁ ସେମାନେ କେତେବେଳେ ଯାଦୁ (ଇନ୍ଦ୍ରଜାଲ ବା କୁହୁକ ବିଦ୍ୟା) ବୋଲି କୁହନ୍ତି ତ' ଆଉ କେତେବେଳେ ଅନ୍ୟ ନାମ ଦେଇଥାଆନ୍ତି । ଅତଏବ୍ ସଂଶୟ ସୃଷ୍ଟିକାରୀ ସ୍ୱଭାବ ସେମାନଙ୍କୁ ସତ୍ୟ ପ୍ରସଙ୍ଗରୁ ଦୂରେଇ ଦେଇଥାଏ । ଅତଃ ମୁଁ ତୁମମାନଙ୍କୁ ଉପଦେଶ ଦେଉଅଛି ଯେ, ତୁମେମାନେ ନିଜ ମଧ୍ୟରେ ସେହି ବିଶ୍ୱାସ ସୃଷ୍ଟି କରିବା ପାଇଁ ପ୍ରୟାସ କର ଯେଉଁ ବିଶ୍ୱାସ ହ. ଅବୁ ବକର ର.ଅ ନିଜ ମଧ୍ୟରେ ସୃଷ୍ଟି କରିଥିଲେ । କାରଣ ଆପଣ ର.ଅଙ୍କ ମଧ୍ୟରେ ସୁଧାରଣା, ଧୈର୍ଯ୍ୟ ଓ ଅନେକ କଲ୍ୟାଣ ତଥା ଫଳାଫଳର ଫଳଶୃତି ଅନ୍ତର୍ନିହିତ ରହିଛି ଏବଂ ନିଦର୍ଶନକୁ ଦେଖି ସ୍ୱୀକାର କରିବା, ବିଶ୍ୱାସ ଆଣିବା ନିଜର ବିଶ୍ୱାସକୁ ସସର୍ତ୍ତ କରିବା ସହିତ ତୁଲ୍ୟ ଅଟେ । ଏହା ଦୁର୍ବଳ ହୋଇଥାଏ ଓ ପ୍ରାୟତଃ ଭରସାଯୋଗ୍ୟ ହୋଇ ନଥାଏ । ହଁ ବ୍ୟକ୍ତି ଯେତେବେଳେ ସୁଧାରଣା କରିବା ସହିତ ବିଶ୍ୱାସ ଆଣିଥାଏ ସେତବେଳେ ଅଲ୍ଲାଃତାଲା ଏହିପରି ବିଶ୍ୱାସାକାରୀକୁ ସେହି ନିଦର୍ଶନ ଅବଲୋକନ କରାଇ ଥାଆନ୍ତି ଯାହାକି ତା'ର ବିଶ୍ୱାସ ଆଧିକ୍ୟତାର କାରଣ ଓ ହୃଦୟ ପ୍ରଶସ୍ତ ହେବାର କାରଣ ହୋଇଥାଏ । ବିଶ୍ୱାସକାରୀଙ୍କୁ ନିଦର୍ଶନ ଓ ଈଶ୍ୱରଙ୍କ ଅଲୌକକ ନିଦର୍ଶନ କରିଦେଇଥାଏ । ଏହି କାରଣରୁ କୌଣସି ଅବତାର ଜିଜ୍ଞାସା ଜନିତ ବା ପ୍ରଶ୍ନମୂଳକ ନିଦର୍ଶନ ପ୍ରଦର୍ଶନ କଲେ ନାହିଁ । ସତ୍ୟବାଦୀ ବିଶ୍ୱାସକାରୀ ପକ୍ଷେ ଏହା ଅପରିହାର୍ଯ୍ୟ ଯେ, ସେ କେବେବି ନିଜର ବିଶ୍ୱାସକୁ ନିଦର୍ଶନ ରୂପେ ଦେଖିବା ପାଇଁ ନିର୍ଭରଶୀଳ (ଭରସା ନକରୁ) ନହେଉ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-496, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆ ☆

**ଆଁହଜରତ ସ.ଅଙ୍କ ବ୍ୟତୀତ ଅନେ କେହି ବି ପୂର୍ଣ୍ଣ ଭକ୍ତ ନୁହେଁ, ସେହି ନବୀଙ୍କ ମାଧ୍ୟମରେ ତୁମକୁ ସେହି ଶିକ୍ଷା ପ୍ରଦାନ କରାଗଲା ଯାହାକି ଏହା ପୂର୍ବରୁ ଅନ୍ୟ କାହାରିକୁ ପ୍ରଦାନ କରାଯାଇ ନାହିଁ ରସୁଲୁଲ୍ଲାଃ ସ.ଅଙ୍କୁ ଏହି ଦୁଆର ଶିକ୍ଷା ପ୍ରଦାନ କରାଗଲା ଯେ, قُلْ رَّبِّ زِدْنِیْ عِلْمًا ଅର୍ଥାତ୍ ହେ ମୁହମ୍ମଦ ସ.ଅ ! ତୁମ୍ଭେ ଅଲ୍ଲାଃତାଲାଙ୍କ ନିକଟରେ ଏହି ପ୍ରାର୍ଥନା କରୁଥାଅ ଯେ, ହେ ପ୍ରଭୁ ! ମୋର ଜ୍ଞାନକୁ ଆହୁରି ବୃଦ୍ଧି କର ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ଅଲ୍ କହଫ୍‌ର -66 ନଂ ଆୟତ୍ فَوَجَدَا عَبْدًا مِّنْ عِبَادِنَآ اٰتَيْنٰهُ رَحْمَةً مِّنْ عِنْدِنَا وَعَلَّمْنٰهُ مِنْ لَّدُنَّا عِلْمًا ର ବ୍ୟାଖ୍ୟା କରି କହୁନ୍ତି: عَبْدًا مِّنْ عِبَادِنَآ । ପବିତ୍ର କୁରଆନ୍ କରୀମରେ ଆଁହଜରତ ସ.ଅଙ୍କୁ عَبْدٌ ଶବ୍ଦ ଦ୍ୱାରା ସ୍ମରଣ କରାଯାଇଛି (ଆଖ୍ୟାୟିତ କରାଯାଇଛି) । ସୁରତୁଲ୍ ଜିନ୍‌ରେ ଅଲ୍ଲାଃତାଲା କୁହନ୍ତି: وَاَنَّهٗ لَمَّا قَامَ عَبْدُ اللّٰهِ يَدْعُوْهُ كَادُوْا يَكُوْنُوْنَ عَلَيْهِ لِبَدًا **(ଅଲ୍ ଜିନ୍: 20)** (ଏବଂ ଆମ୍ଭେ ଦେଖିପାରିଛୁ ଯେ ଯେତେବେଳେ ଅଲ୍ଲାଃଙ୍କର ଭକ୍ତ ହ. ମୁହମ୍ମଦ୍ ସ.ଅ ତାହାଙ୍କୁ ଡାକିବାକୁ ଦଣ୍ଡାୟମାନ ହୁଅନ୍ତି ସେତେବେଳେ ମକ୍କାବାସୀମାନେ ତାହାଙ୍କ ଉପରକୁ ଲମ୍ଫ ପ୍ରଦାନ କରନ୍ତି।) ଅର୍ଥାତ ଆପଣ ସ.ଅ ଯେତେବଳେ ନମାଜ ନିମନ୍ତେ ଦଣ୍ଡାୟମାନ ହୁଅନ୍ତି ସେତେବେଳେ ଲୋକମାନେ ଆପଣ ସ.ଅଙ୍କ ନିକଟକୁ ଲମ୍ଫ ମାରି ଏକତ୍ରିତ ହୁଅନ୍ତି । ସନ୍ଥମାନେ ଏପର୍ଯ୍ୟନ୍ତ ଯୁକ୍ତି ବାଢିଛନ୍ତି ଯେ, ଅବ୍‌ଦ୍ (ଭକ୍ତ)ର ସ୍ଥାନ ସମସ୍ତ ସ୍ତରରୁ ଉଚ୍ଚତର ଓ ବୃହତ୍ତର ଅଟେ । ତେଣୁ ଆଁହଜରତ ସ.ଅଙ୍କ ବ୍ୟତୀତ କୌଣସି ବ୍ୟକ୍ତି ପୂର୍ଣ୍ଣ ଭକ୍ତ ହୋଇପାରିବ ନାହିଁ ।

اٰتَيْنٰهُ رَحْمَةً مِّنْ عِنْدِنَا ରେ ମଧ୍ୟ ଆପଣ ସ.ଅଙ୍କ ଅସ୍ତିତ୍ୱ ଆଡ଼କୁ ଇଙ୍ଗିତ ରହିଛି । ଯେପରିକି ଅଲ୍ଲାଃତାଲା କୁହନ୍ତି: وَمَآ اَرْسَلْنٰكَ اِلَّا رَحْمَةً لِّلْعٰلَمِيْنَ **(ଅଲ୍ ଅମ୍ବିୟା:208)** ଅର୍ଥାତ ହେ ମୁହମ୍ମଦ୍ ସ.ଅ ! ଆମ୍ଭେ ତୁମ୍ଭକୁ ସମଗ୍ର ସଂସାର ନିମନ୍ତେ କରୁଣା ରୂପେ ଗଢି ପ୍ରେରଣ କରିଅଛୁ । وَعَلَّمْنٰهُ مِنْ لَّدُنَّا عِلْمًا ଅର୍ଥାତ ତାହାକୁ (ଆଁହଜରତ ସ.ଅଙ୍କୁ) ବିଶେଷ ପ୍ରକାରର ଜ୍ଞାନ ପ୍ରଦାନ କରାଯାଇଛି ଯାହା ପୂର୍ବ ଲୋକମାନଙ୍କୁ ପ୍ରାପ୍ତ ହୋଇ ନଥିଲା । ସୁରତୁନ୍ ନିସାରେ ଅଲ୍ଲାଃତାଲା କୁହନ୍ତି: وَعَلَّمَكَ مَا لَمْ تَكُنْ تَعْلَمُ وَكَانَ فَضْلُ اللّٰهِ عَلَيْكَ عَظِيْمًا **(ଅନନିସା: 114)** ଅନୁବାଦ- ଏବଂ ତୁମ୍ଭେ ଯାହା ଜାଣି ନଥିଲ ତାହା ତୁମ୍ଭକୁ ଶିଖାଇଛନ୍ତି ଏବଂ ତୁମ୍ଭ ପ୍ରତି ଅଲ୍ଲାଃତାଲାଙ୍କର ବିଶେଷ କୃପା ରହିଛି । ସେହିପରି ଭାବରେ ଅଲ୍ଲାଃତାଲା କୁହନ୍ତି عُلِّمْتُمْ مَّا لَمْ تَعْلَمُوْٓا اَنْتُمْ وَلَآ اٰبَآؤُكُمْ **(ଅଲ୍ ଅନଆମ୍: 92)** ଅର୍ଥାତ୍ ତୁମେମାନେ ଓ ତୁମମାନଙ୍କର ପିତୃ ପିତାମହମାନେ ଯାହା କିଛି ଜାଣି ନଥିଲେ ତାହା ତୁମମାନଙ୍କୁ ଶିଖାଇ ଦିଆଯାଇଅଛି । ଅର୍ଥାତ ଏହି ଅବତାରଙ୍କ ମାଧ୍ୟମରେ ତୁମମାନଙ୍କୁ ସେହି ଜ୍ଞାନ ପ୍ରଦାନ **(ଅବଶିଷ୍ଟାଂଶ ......ପୃ-12 ରେ)**

## ଗତ 44-45 ତମ ଶୁମାରା (ସଂଖ୍ୟା)ରେ ପୃ 11-12 ପ୍ରକାଶିତ ଖୁତ୍‌ବା ଜୁମା
## ତା- 17 MARCH 2023 ର ଅବଶିଷ୍ଟାଂଶ...........
## ଖୁତବା ଜୁମା 17-03-2023

ପବିତ୍ର କୁରଆନ୍‌ର କ୍ରମିକତା ଏପରି ଯେପରି ଏହା ସାକ୍ଷାତ୍ ଏକ ଚମତ୍କାର ଅଟେ । କାରଣ ତହିଁରେ କୌଣସି ପ୍ରକାରର ପରିବର୍ତ୍ତନ ଆଉ ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତି ତହିଁରେ କୌଣସି ପରିବର୍ତ୍ତନ କରିବାକୁ ଉଦ୍ୟମ କରେ ତେବେ ସେ ଏହା କହିବ କି, ମୁଁ ଉକ୍ତ ଗ୍ରନ୍ଥରେ ଅମକ ପରିବର୍ତ୍ତନ କରିଛି । ଯଦି ପବିତ୍ର କୁରାନ୍ କରୀମ୍‌ରେ କୌଣସି ପରିବର୍ତ୍ତନ ହୋଇଥାଆନ୍ତା ତେବେ ତା'ର ପ୍ରକୃତାବସ୍ଥା ବଜାୟ ରହିପାରନ୍ତା ନାହିଁ ଏବଂ ସେହି ଭାବାର୍ଥ ମଧ୍ୟ ଅକ୍ଷୁର୍ଣ୍ଣ ରହିପାରିନ୍ତା ନାହିଁ । ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ର ଶବ୍ଦାବଳୀର ଗହ୍ୱରତା ଓ ଅର୍ଥର ବୈଶିଷ୍ଟ୍ୟତା ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପବିତ୍ର କରୁଆନ୍ କରୀମ୍‌ର ଗୂଢ଼ ରହସ୍ୟ ଓ ପରିଚୟ ତଥା ସତ୍ୟତା ମଧ୍ୟ ଯୁଗର ଆବଶ୍ୟକତା ଅନୁଯାୟୀ ଖୋଲିଥିଲା । ଉଦାହରଣ ସ୍ୱରୂପ ଯେଉଁ ଯୁଗରେ ଆମେ ଅଛୁ ଓ ପବିତ୍ର କୁରଆନ୍ କରୀମ୍‌ର ଯେଉଁ ପରିଚୟ ବିପରୀତ ଦଜ୍ଜାଲ୍ (ମାୟାବୀ) ଗୋଷ୍ଠୀର ଆମମାନଙ୍କୁ ବର୍ତ୍ତମାନ ଆବଶ୍ୟକତା ପଡ଼ିଛି ତାହା ସେମାନଙ୍କୁ ନଥିଲା ଯେଁଉମାନେ ସେହି ଦଜ୍ଜାଲୀୟ (ମାୟାବୀ)ଯୁଗକୁ ପ୍ରାପ୍ତ କଲେ ନାହିଁ । ଅତଃ ସେହି କଥା ସେମାନଙ୍କ ଉପରେ ଆଗୋଚର ହୋଇ ରହିଲା ଏବଂ ଆମମାନଙ୍କ ପାଇଁ ତାହା ଉନ୍ମୁକ୍ତ କରିଦିଆଗଲା ।"**(ଇଜାଲା ଅଉହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-451)**(ଅବଶିଷ୍ଟାଂଶ...ପୃ-3ରେ)

## ପୃ -2 ର ଅବଶିଷ୍ଟାଂଶ ଖୁତବା..........

ବିଷୟବସ୍ତୁ, ସ୍ଥାନ, କାଳ ଓ ଯୁଗ ଦୃଷ୍ଟିରୁ ତହିଁରେ ବାହାରି ପଡ଼ିଥାଏ । ସେହି କାଳରେ ଆବଶ୍ୟକ ନଥିଲା । ସେହି ଯୁଗରେ ଯେଭଳି ବ୍ୟାଖ୍ୟା ହୋଇଥିଲା ତାହା ସେହି ଯୁଗର ପରିସ୍ଥିତି ଅନୁଯାୟୀ ହିଁ ବ୍ୟାଖ୍ୟା ହୋଇଥିଲା ଏବଂ ବର୍ତ୍ତମାନ ଯେଉଁ ବ୍ୟାଖ୍ୟା ହେଉଅଛି ତାହା ସାଂପ୍ରତିକ ଯୁଗର ପରିସ୍ଥିତି ଅନୁଯାୟୀ ଅଟେ । ଏହି ସମସ୍ତ ପ୍ରସଙ୍ଗ ପବିତ୍ର କୁର୍‌ଆନ୍ କରୀମ୍‌ରୁ ହିଁ ସାବ୍ୟସ୍ତ ହୋଇଥାଏ, ତହିଁରୁ ହିଁ ବ୍ୟାଖ୍ୟା ମିଳିଥାଏ । ସେହି ଶବ୍ଦାବଳୀ ଉପରେ ଧ୍ୟାନ କରିବା ଦ୍ୱାରା ପବିତ୍ର କୁର୍‌ଆନ୍ କରୀମ୍‌ର ଅର୍ଥ ସ୍ପଷ୍ଟ ହୋଇଥାଏ । ସୁତରାଂ ଯେଉଁ ଧର୍ମଗ୍ରନ୍ଥ ଏତାଦୃଶ ତେବେ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ବିଦ୍ୟମାନ ରହିବ । ଅର୍ଥାତ ଆବଶ୍ୟକତାନୁଯାୟୀ ଶବ୍ଦାବଳୀ ମଧ୍ୟରୁ ଶବ୍ଦାର୍ଥ ବାହାରିଥାଏ । ପୁନଶ୍ଚ ପବିତ୍ର କୁର୍‌ଆନ୍ କରୀମ୍‌ର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ପବିତ୍ର କୁର୍‌ଆନ୍ କରୀମ୍‌ର ବତ୍‌ନୀ ମାଆରିଫ୍ (ଆନ୍ତରୀଣ ପରିଚୟ)ର ଅସ୍ତିତ୍ୱ ଆହାଦିସେ ସହିହା (ସଠିକ୍ ହଦିସ୍) ଓ ଜ୍ୱଳନ୍ତ ନିଦର୍ଶନରୁ ସାବ୍ୟସ୍ତ ତାହା ନିରର୍ଥକ ରୂପେ ପ୍ରାଦୁର୍ଭୂତ ହୋଇ ନଥାଏ । ବରଂ ଉକ୍ତ ଚମତ୍କାର ଏହିପରି ସମୟରେ ପ୍ରକଟିତ ହୋଇଥାଏ ଯେତେବେଳେ କି ସେହି ଆଧ୍ୟାତ୍ମିକ ଚମତ୍କାର ପରିପ୍ରକାଶିତ କରିବା ଘୋର ଆବଶ୍ୟକତା ପଡ଼ିଥାଏ ।" **(ଇଜାଲା ଅଉହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-465)**

ପବିତ୍ର କୁର୍‌ଆନ୍ କରୀମ୍‌ରୁ ନିଗୂଢ଼ ରହସ୍ୟ, ପରିଚୟ ମିଳିଥାଏ, ଆହଦିସେ ସହିହାରୁ ମଧ୍ୟ ପ୍ରମାଣିତ କରାଯାଇପାରେ ଯେ, ଜ୍ୱଳନ୍ତ ନିଦର୍ଶନ ମଧ୍ୟ ପବିତ୍ର କୁର୍‌ଆନ୍ କରୀମ୍‌ର ଅନନ୍ୟତାର ପରିଚୟ ପ୍ରଦାନ କରିଥାଏ । ଆପଣ ଅ.ସ ପୁନଶ୍ଚ କୁହନ୍ତି: ପବିତ୍ର କୁର୍‌ଆନ୍ କରୀମ୍‌ରେ ସବୁକିଛି ରହିଛି । କିନ୍ତୁ ଯେପର୍ଯ୍ୟନ୍ତ ଆଧ୍ୟାତ୍ମିକ ଚକ୍ଷୁ ପ୍ରାପ୍ତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ କିଛି ବି ପ୍ରାପ୍ତ ହୋଇପାରିବ ନାହିଁ । ଅତଃ ପବିତ୍ର କୁର୍‌ଆନ୍ କରୀମ୍‌ର ନିଦର୍ଶନକୁ ଅବଲୋକନ କରିବାକୁ ହେଲେ ଆଧ୍ୟାତ୍ମିକ ଦୃଷ୍ଟିଶକ୍ତି ସର୍ତ୍ତ ରହିଛି । ପବିତ୍ର କୁର୍‌ଆନ୍ କରୀମ୍‌କୁ ପାଠ କରୁଥିବା ବ୍ୟକ୍ତି ଯେତେବେଳେ ପ୍ରଥମ ବର୍ଷରୁ ଦ୍ୱିତୀୟ ବର୍ଷକୁ ଉନ୍ନୀତ ହୁଏ ସେତେବେଳେ ସେ ନିଜର ବିଗତ ବର୍ଷକୁ ଏପରି ମନେ ପକାଇଥାଏ ଯେପରିକି ସେ ବିଦ୍ୟାଳୟର ଜଣେ ଛାତ୍ର ଥିଲା । କାରଣ ଏହା ପ୍ରଭୁଙ୍କର ବାଣୀ ଅଟେ ଓ ତହିଁରେ ଉନ୍ନୀତ ମଧ୍ୟ ସେହିପରି ଅଟେ । ଏହା ନୁହେଁ ଯେ, ଆମେମାନେ ଏହାକୁ ଥରୁଟିଏ ପାଠ କରିଦେଲୁ ଓ ସବୁକିଛି ଜ୍ଞାନ ପ୍ରାପ୍ତ ହୋଇଗଲା । ତାହା ନୁହେଁ ବରଂ ଏକ ବର୍ଷ ପର୍ଯ୍ୟନ୍ତ ବିଚାର କରିବା ପରେ ଆସନ୍ତା ବର୍ଷରେ ଯେତେବେଳେ ପାଦ ଥାପୁ ସେତେବେଳେ ପୁନଃ ବିଚାର କରିବାକୁ ଆରମ୍ଭ କରିଥାଉ । ବ୍ୟକ୍ତି ଏହା ଭାବେ ଯେ, ସେ ପୂର୍ବେ ଯାହାସବୁ ପାଠ କରି ଆସିଛି ତାହା କିଛି ବି ନଥିଲା, ତାହା ପିଲାଳିଆ କଥାସବୁ ଥିଲା ଯାହାକୁ ମୁଁ ବୁଝିଥିଲି । ମୁଁ ବର୍ତ୍ତମାନ ପ୍ରକୃତ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିଛି ଓ ପୁନଶ୍ଚ ଏହିପରି ଭାବରେ ବ୍ୟକ୍ତି ଉନ୍ନତି କରି ଚାଲିଥାଏ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେଉଁ ବ୍ୟକ୍ତିମାନେ ପବିତ୍ର କୁର୍‌ଆନ୍ କରୀମ୍‌କୁ କାରଣ ସମୂହ ବୋଲି କୁହନ୍ତି ମୁଁ ସେମାନଙ୍କୁ ଆଦୌ ପସନ୍ଦ କରୁ ନାହିଁ (ଅର୍ଥାତ ଭଲ ପାଉ ନାହିଁ) । ସେମାନେ ପବିତ୍ର କୁର୍‌ଆନ୍ କରୀମ୍ ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ । ପବିତ୍ର କୁର୍‌ଆନ୍ କରୀମ୍‌କୁ ପରିଚୟର ସମୂହ ବୋଲି କହିବା ଉଚିତ୍ । ପରିଚୟ ଦ୍ୱାରା ପରିପୂର୍ଣ୍ଣ ଓ ସ୍ୱୟଂ ସମ୍ପୂର୍ଣ୍ଣ ବୋଲି କହିବା ଉଚିତ୍ । ତହିଁରେ ଅସଂଖ୍ୟ ଜ୍ଞାନାତ୍ମକ ପରିଚୟ ରହିଛି । ପ୍ରତ୍ୟେକ ସ୍ଥାନରେ ନାନା ପରିଚୟ ବାହାରିଥାଏ ଓ ଏକ ବିନ୍ଦୁ ଅନ୍ୟ ବିନ୍ଦୁର ବିରୋଧ ଏବଂ ବିପରୀତ ହୁଏ ନାହିଁ । ତାହାକୁ (ପ୍ରମାଣକୁ) ଭଙ୍ଗ କରେ ନାହିଁ, ରଦ୍ଦ କରେ ନାହିଁ, କିନ୍ତୁ ଶୀଘ୍ର ଦୁଃଖ, ବୈରାଗ୍ୟ, ବିଦ୍ୱେଷ, କ୍ରୋଧୀ ସ୍ୱଭାବ ସହିତ ପବିତ୍ର କୁର୍‌ଆନ୍ କରୀମର କୌଣସି ସଂପର୍କ ନାହିଁ ଓ ନା ହିଁ ଏପରି ବ୍ୟକ୍ତିମାନଙ୍କ ଉପରେ ପବିତ୍ର କୁର୍‌ଆନ୍ କରୀମ୍ ମହାନୁଭବମୂଳକ ଜ୍ଞାନାତ୍ମକ ପରିଚୟ ଖୋଲିଥାଏ।" **(ମଲ୍‌ଫୁଜାତ୍, ଭାଗ-2, ପୃ-221, ପ୍ରକାଶନ ବର୍ଷ-1984 ମସିହା)**

ପବିତ୍ର କୁର୍‌ଆନ୍ କରୀମ୍‌ର ମହାନୁଭବମୂଳକ ଜ୍ଞାନାତ୍ମକ ପରିଚୟ ତଥା ସତ୍ୟତା ସେହି ବ୍ୟକ୍ତିମାନଙ୍କ ପାଇଁ ଉଦ୍‌ଘାଟିତ ହୋଇଥାଏ ଯେଉଁମାନେ ପବିତ୍ର ଅଟନ୍ତି, ଯେଉଁମାନେ ପ୍ରଭୁଙ୍କ ଶରଣାପନ୍ନ ହୁଅନ୍ତି, ପ୍ରଭୁଙ୍କ ଠାରୁ ଜ୍ଞାନ ପ୍ରାପ୍ତ କରିବା ନିମନ୍ତେ ଦୁଆ (ପ୍ରାର୍ଥନା) କରିଥାଆନ୍ତି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ନିଃସନ୍ଦେହ ରୂପେ ପବିତ୍ର କୁର୍‌ଆନ୍ କରୀମ୍ ସକଳ ସତ୍ୟତା, ମହାନୁଭବମୂଳକ ଜ୍ଞାନାତ୍ମକ ପରିଚୟ ଓ ପ୍ରତ୍ୟେକ ଯୁଗର ବିଦ୍‌ଆତ୍ (ନୂତନ ଆହୃତ ରୀତି)ର ମୁକାବିଲା କରିବା ନିମନ୍ତେ ପୂର୍ଣ୍ଣ ରୂପେ ସକ୍ଷମ ଅଟେ ।" ଏହି ଅଧମ ବିନୀତର ହୃଦୟ ପବିତ୍ର କୁର୍‌ଆନ୍ କରୀମ୍‌ର ସେହି ପ୍ରତ୍ୟେକ୍ଷଦର୍ଶୀ କଲ୍ୟାଣ ତଥା ବ୍ରହ୍ମଜ୍ଞାନକୁ ଦେଖି ପରିପୂର୍ଣ୍ଣ ହୋଇପଡ଼ିଛି।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ସାଂପ୍ରତିକ କାଳରେ ହ. ମସିହ୍ ମଉଦ୍ ଅ.ସ ହିଁ ସେହି ମହାନ ଅସ୍ତିତ୍ୱ ଅଟନ୍ତି ଯେକି ସେହି ପରିଚୟ ଓ ସତ୍ୟତାକୁ ଆମ ଆଗରେ ପରିପ୍ରକାଶିତ କରିଛନ୍ତି । ଆପଣ ଅ.ସଙ୍କ ବାଣୀରୁ ହିଁ ଏହାର ଅତିରିକ୍ତ ବ୍ୟାଖ୍ୟା ହୋଇଥାଏ । ସୁତରାଂ ଆପଣଙ୍କ ଦ୍ୱାରା ଲିଖିତ ବ୍ୟାଖ୍ୟାକୁ ଯଦି ଧ୍ୟାନପୂର୍ବକ ପାଠ କରାଯାଏ ତେବେ ପବିତ୍ର କୁର୍‌ଆନ୍ କରୀମ୍‌ର ଗୁଣାବଳୀର, ଶିକ୍ଷାର ଓ ମହାନୁଭବମୂଳକ ଜ୍ଞାନାତ୍ମାକ ପରିଚୟର ଜ୍ଞାନରେ ଅଭିବୃଦ୍ଧି ଘଟିଥାଏ । ଆପଣ ଅ.ସ କୁହନ୍ତି: "ନିଃସନ୍ଦେହ ରୂପେ ଆମମାନଙ୍କୁ ଯେଉଁ ପବିତ୍ର ଗ୍ରନ୍ଥ ଅର୍ଥାତ ପବିତ୍ର କୁର୍‌ଆନ୍ କରୀମ୍ ପ୍ରଦାନ କରାଯାଇଛି ତାହା ଆମମାନଙ୍କର ମଙ୍ଗଳ, ଜ୍ଞାନାତ୍ମକ ଉନ୍ନତି ଓ ଆମମାନଙ୍କର ସାର୍ବକାଳୀନ ବିକାଶ ନିମନ୍ତେ ଉଦ୍ଦିଷ୍ଟ ତଥା ପ୍ରଯୁଜ୍ୟ ଅଟେ । ପବିତ୍ର କୁର୍‌ଆନ୍ କରୀମ୍‌ର ରହସ୍ୟ ଓ ଭେଦ ଅସୀମିତ ଅଟେ। ଏହା ଆତ୍ମଶୁଦ୍ଧି ଓ ଅତ୍ମସଂଶୋଧନ ତଥା ଜାଜ୍ୱଲ୍ୟମାନ ବିବେକ ଦୃଷ୍ଟିକୋଣ ବା ଅନ୍ତଃକରଣ ଦ୍ୱାରା ଉନ୍ମୁକ୍ତ ହୋଇଥାଏ । ଯେଉଁ ଜାତି ସହିତ ଅଲ୍ଲାଃତାଲା ଆମମାନଙ୍କୁ ମୁହାଁମୁହିଁ କରାଇ ଦେଇଥିଲେ ତେବେ ସେହି ଜାତି ଉପରେ ପବିତ୍ର କୁର୍‌ଆନ୍ କରୀମ୍ ମାଧ୍ୟମରେ ହିଁ ଆମେ ବିଜୟ ପ୍ରାପ୍ତ କରିଥିଲୁ । ପବିତ୍ର କୁର୍‌ଆନ୍ କରୀମ୍ ଯେଭଳି ଭାବରେ ଜଣେ ନିରକ୍ଷର ଗାଉଁଲି ବ୍ୟକ୍ତିକୁ ସନ୍ତୁଷ୍ଟି ପ୍ରଦାନ କରେ ଠିକ୍ ସେହିପରି ଜଣେ ଦାର୍ଶନିକ ବ୍ୟକ୍ତିକୁ ମଧ୍ୟ ଉଚିତ୍ ତଥା ତାର୍କିକ ରୂପେ ସନ୍ତୁଷ୍ଟି ପ୍ରଦାନ କରିଥାଏ । ଏପରି ନୁହେଁ ଯେ, ପବିତ୍ର କୁର୍‌ଆନ୍ କରୀମ୍ କେବଳ ଗୋଟିଏ ଜାତି ନିମନ୍ତେ ଅବତୀର୍ଣ୍ଣ ହୋଇଛି ଓ ଅନ୍ୟ ଗୋଷ୍ଠି ବା ସଂପ୍ରଦାୟ ତହିଁରୁ ବଞ୍ଚିତ ଅଟେ । ନା । ବରଂ ନିଃସନ୍ଦେହ ରୂପେ ତହିଁରେ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ଯୁଗ ଓ ପ୍ରତ୍ୟେକ ସମାର୍ଥ୍ୟବାନ ବ୍ୟକ୍ତି ନିମନ୍ତେ ଉପଚାର ମହଜୁଦ୍ ରହିଛି । ଯେଉଁ ଲୋକମାନେ (ମାନସିକ ରୂପେ ବିକୃତ) ବିକଳାଙ୍ଗ ଓ ମନ୍ଦ ସ୍ୱଭାବ ନୁହନ୍ତି ସେହିମାନେ ହିଁ ପବିତ୍ର କୁର୍‌ଆନ୍ କରୀମ୍‌ର ମର୍ଯ୍ୟାଦା ତଥା ମାହାତ୍ମ୍ୟତା ଉପରେ ବିଶ୍ୱାସ ଆଣନ୍ତି । ଅର୍ଥାତ ଯେଉଁମାନେ ନିଜ ଜୀବନ ଅଭିପ୍ରାୟକୁ ବୁଝନ୍ତି ନାହିଁ, ଯେଉଁମାନେ ସ୍ୱଳ୍ପବୁଦ୍ଧି ଅଟନ୍ତି କିମ୍ବା ଉନ୍ନତି ପରିବର୍ତ୍ତେ ଅବନତି ବା ପତନୋନ୍ମୁଖୀ ଅଟନ୍ତି ସେମାନେ ଆଧ୍ୟାତ୍ମିକ ଦୃଷ୍ଟିରୁ ବୁଦ୍ଧିହୀନ ବା ମୂର୍ଖ ଅଟନ୍ତି। ତେଣୁ ଏପରି ବ୍ୟକ୍ତିମାନଙ୍କୁ ପବିତ୍ର କୁର୍‌ଆନ୍ କରୀମ୍ କୌଣସି ଲାଭ ପ୍ରଦାନ କରି ନଥାଏ । କିନ୍ତୁ ଯଦି ସେମାନେ ଏପରି ନୁହନ୍ତି ତେବେ ପବିତ୍ର କୁର୍‌ଆନ୍ କରୀମ୍‌ର ମାହାତ୍ମ୍ୟ ଉପରେ ବିଶ୍ୱାସ ଆଣିବା ସେମାନଙ୍କ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ ଅଟେ । ସେମାନେ ପବିତ୍ର କୁର୍‌ଆନ୍ କରୀମ୍‌ର ଅଲୋକରୁ ଉପକୃତ ହୋଇଥାଆନ୍ତି।" **(ଅଲ୍‌ହକ୍ ଲୁଧିଆନା, ରୁହାନୀ ଖଜାଏନ୍, ଭାଗ-4, ପୃ-110)**

ଆପଣ ଅ.ସ କୁହନ୍ତି: "ସମସ୍ତ ମାର୍ଗଦର୍ଶନ ମଧ୍ୟରୁ କେବଳ କୁର୍‌ଆନୀୟ ମାର୍ଗଦର୍ଶନ ହିଁ ସଠିକତା ଦୃଷ୍ଟିରୁ ପୂର୍ଣ୍ଣ ସ୍ତର ଓ ମାନବିକ ଅପମିଶ୍ରଣ ଠାରୁ ପବିତ୍ର ଓ ଶୁଦ୍ଧ ଅଟେ ।" **(ଅର୍‌ବଇନ୍, ସଂଖ୍ୟା-1, ରୁହାନୀ ଖଜାଏନ୍, ଭାଗ-17, ପୃ-345)**

ଆପଣ ଅ.ସ କୁହନ୍ତି: "ମୋର ତ' ଏହି ଧର୍ମମତ ରହିଛି ଯେ, ସ୍ୱାଭାବିକ ଶିକ୍ଷା ଯେଭଳି ଭାବରେ ଉନ୍ନତି କରିବ ସେହିପରି ତାହା ବ୍ୟବହାରିକ ରୂପ ମଧ୍ୟ ଧାରଣ କରିବ । ପବିତ୍ର କୁର୍‌ଆନ୍ କରୀମ୍‌ର ମାହାତ୍ମ୍ୟତା ସମଗ୍ର ସଂସାରରେ ସ୍ଥାପିତ ହେବ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-87, ପ୍ରକାଶନ ବର୍ଷ-1984 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଆମ ସାଂସାରିକ ଶିକ୍ଷା କ୍ଷେତ୍ରରେ ଯେଉଁମାନେ ଗବେଷଣା କରୁଛନ୍ତି ସେମାନଙ୍କୁ ମଧ୍ୟ ପବିତ୍ର କୁର୍‌ଆନ୍ କରୀମ୍‌ରୁ ସାହାଯ୍ୟ ନେବା ଉଚିତ୍ । ଅଲ୍ଲାଃତାଲାଙ୍କ କୃପାରୁ ଅନେକ ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନେ ପବିତ୍ର କୁର୍‌ଆନ୍ କରୀମ୍‌ର ସାହାଯ୍ୟ ନିଅନ୍ତି, ନିଜର ବିଷୟବସ୍ତୁ ତଥା ସନ୍ଦର୍ଭମାନ ମଧ୍ୟ ଲେଖିଥାଆନ୍ତି । ପବିତ୍ର କୁର୍‌ଆନ୍ କରୀମ୍‌ର ଶ୍ରେଷ୍ଠତା ପ୍ରମାଣିତ କରିବା ଉଚିତ୍ । କାରଣ ପବିତ୍ର କୁର୍‌ଆନ୍ କରୀମ୍‌ରେ ଜ୍ଞାନ ଲୁକ୍କାୟିତ ହୋଇ ରହିଛି । ପ୍ରଫେସର (ଅଧ୍ୟାପକ) ଡ଼ଃ. ଅବ୍‌ଦୁସ୍ ସଲାମ୍ ସାହେବ ମଧ୍ୟ ସର୍ବଦା ଏହି ନୀତି ଓ ନିୟମାନୁଯାୟୀ କାର୍ଯ୍ୟ ସମ୍ପାଦନ କରିଥିଲେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ନିଃସନ୍ଦେହ ରୂପେ ପବିତ୍ର କୁର୍‌ଆନ୍ କରୀମ୍ ଅସିମୀତ ପରିଚୟ ଉପରେ ଆଧାରିତ ଏବଂ ପ୍ରତ୍ୟେକ ଯୁଗର ଆବଶ୍ୟକତାନୁଯାୟୀ ତଥା ଯୁଦରୁଚି ଅନୁଯାୟୀ ପୂର୍ଣ୍ଣ ରୂପେ ପ୍ରତିଭୂ (ଜାମିନ୍) ଅଟେ ।" **(ଇଜାଲା ଅଉହାମ୍, ଭାଗ-1, ରୁହାନୀ ଖଜାଏନ୍, ଭାଗ-3, ପୃ-261)**

ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍‌ରେ ଯେଉଁ ପରିଚୟ, ସତ୍ୟତା, ବ୍ରହ୍ମଜ୍ଞାନ ଓ ଉଚ୍ଚଲାଳିତ୍ୟସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀ ସଂପୂର୍ଣ୍ଣ ରୂପେ ଦେଖିବାକୁ ମିଳେ ତାହା ଅନ୍ୟ କୌଣସି ଧର୍ମ ଗ୍ରନ୍ଥକୁ ପ୍ରାପ୍ତ ହୋଇ ନାହିଁ ।" **(ତୌଜିହ୍ ମରାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-86)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍ କରୀମ୍‌କୁ ଖୈର୍ (ଅତ୍ୟନ୍ତ ଲାଭଦାୟକ ପଦାର୍ଥ) ବୋଲି ବିବେଚିତ କରିଛନ୍ତି । وَمَنْ يُّؤْتَ الْحِكْمَةَ فَقَدْ اُوْتِيَ خَيْرًا كَثِيْرًا **(ଅଲ୍ ବକ୍‌ରାହ୍:270)** ସୁତରାଂ ପବିତ୍ର କୁର୍‌ଆନ୍ କରୀମ୍‌ର ପରିଚୟ ଓ ଶିକ୍ଷାର ଧନସମ୍ପଦ ଅଟେ । ପ୍ରଭୁ କୁରାନୀୟ ପରିଚୟ ଓ ଶିକ୍ଷାର ନାମକୁ ଧନ ବା ସମ୍ପଦ ରୂପେ ଅଭିହିତ କରିଛନ୍ତି । ସଂସାରର କଲ୍ୟାଣ ମଧ୍ୟ ତତ୍‌ସହିତ ଆସିଥାଏ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-328, ସଂସ୍କରଣ ବର୍ଷ-1984)**

ହ. ମସିହ୍ ମଉଦ୍ ଅ.ସ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସତର୍କ କରାଇ କୁହନ୍ତି: "ନିଃସନ୍ଦେହ ରୂପେ ଯେଉଁ ବ୍ୟକ୍ତି ପାପରୁ ବିରତ ହୁଏ ନାହିଁ ପରିଶେଷରେ ସେ ପାପୀ

ହୋଇ ମୃତ୍ୟୁବରଣ କରିବ ଏବଂ ସେ ଅବଶ୍ୟ ମୃତ୍ୟୁବରଣ କରିବ । ଅଲ୍ଲାଃତାଲା ନିଜର ଅବତାର ତଥା ବାର୍ତ୍ତାବହମାନଙ୍କୁ ଏଇଥିପାଇଁ ପ୍ରେରଣ କଲେ ଓ ଚୂଡ଼ାନ୍ତ ଧର୍ମଗ୍ରନ୍ଥ ପବିତ୍ର କୁର୍‌ଆନ୍ କରୀମ୍ ଏଇଥିପାଇଁ ଅବତୀର୍ଣ୍ଣ କଲେ ଯେ, ସେହି ବିଷରୁ ସଂସାର ବିନାଶ ହୋଇ ନଯାଉ । ବରଂ ଏହାର ପ୍ରଭାବରୁ ଅବଗତ ହୋଇ ବଞ୍ଚିଯାଉ ।"**(ମଲ୍‌ଫୁଜାତ୍, ଭାଗ-7, ପୃ-185, ସଂସ୍କରଣ ବର୍ଷ-1984 ମସିହା)**

ସୁତରାଂ ପ୍ରତ୍ୟେକ ଅହେମଦିର ଏହି କର୍ତ୍ତବ୍ୟ ରହିଛି ଯେ, ଯେଉଁଠି ସେ ନିଜର ଅବସ୍ଥାକୁ ପବିତ୍ର କୁର୍‌ଆନ୍ କରୀମ୍‌ର ଶିକ୍ଷାନୁଯାୟୀ ଗଢି ତୋଳିବା ପାଇଁ ପ୍ରୟାସ କରୁ ସେଠାରେ ସଂସାରକୁ ମଧ୍ୟ ସେହି ଶିକ୍ଷାରୁ ଅବଗତ କରାଉଉ ତଥା ଆଧ୍ୟାତ୍ମିକ ଓ ବସ୍ତୁବାଦୀ ବିନାଶରୁ ସେମାନଙ୍କୁ ସୁରକ୍ଷିତ ରଖୁ । ଆପଣ ଅ.ସ କୁହନ୍ତି: "ଆଁହଜରତ ସ.ଅ ଖାତମୁନ୍ ନବିୟିନ୍ ଅଟନ୍ତି (ନବି ଶିରୋମଣି) ଓ ପବିତ୍ର କୁର୍‌ଆନ୍ କରୀମ୍ ଖାତମୁଲ୍ କୁତୁବ୍ (ଚୂଡ଼ାନ୍ତ ଧର୍ମଗ୍ରନ୍ଥ) ବର୍ତ୍ତମାନ ଆଉ ଅନ୍ୟ କୌଣସି କଲ୍‌ମା କିମ୍ବା ଅନ୍ୟ କୌଣସି ନମାଜ ହୋଇପାରିବ ନାହିଁ । ଆଁହଜରତ ସ.ଅ ଯାହାକିଛି କହିଛନ୍ତି କିମ୍ବା ଯାହାକିଛି କରି ଦେଖାଇଯାଇଛନ୍ତି ଏବଂ ଯାହାକିଛି ପବିତ୍ର କୁର୍‌ଆନ୍ କରୀମ୍‌ରେ ଉଲ୍ଲିଖିତ ହୋଇଛି ତାହାକୁ ବାଦ୍‌ଦେଲେ ମୋକ୍ଷ ପ୍ରାପ୍ତ କରିବା କଦାପି ସମ୍ଭବପର ନୁହେଁ । ଯେଉଁ ବ୍ୟକ୍ତି ଉପରୋକ୍ତ ପ୍ରସଙ୍ଗକୁ ପରିହାର ଏବଂ ପରିତ୍ୟାଗ କରିବ ସିଏ ନର୍କଗାମୀ ହେବ । ଏହା ହିଁ ମୋର ଧର୍ମମତ ଓ ଆସ୍ଥା ଅଟେ ।" **(ମଲ୍‌ଫୁଜାତ୍, ଭାଗ-8, ପୃ-252, ସଂସ୍କରଣ ବର୍ଷ-1984 ମସିହା)**

ଯେଉଁ ବ୍ୟକ୍ତି ଏହିପରି ଧର୍ମମତ ତଥା ଆସ୍ଥା ରଖେ ତେବେ ସେ କିପରି ଆଁହଜରତ ସ.ଅଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିପାରିବ ? ଏପରି ହୁଅନ୍ତା କି ଉକ୍ତ ପ୍ରସଙ୍ଗକୁ ସାଧାରଣ ମୁସଲମାନମାନେ ହୃଦୟଙ୍ଗମ କରି ନିଅନ୍ତେ ଓ ଉପଦ୍ରବୀ, ଅନିଷ୍ଟକାରୀ ବିଦ୍ୱାନ୍‌ମାନଙ୍କ କବଳରୁ ମୁକୁଳି ଆସି ଯୁଗାବତାରଙ୍କୁ ଚିହ୍ନି ନିଅନ୍ତୁ ।

ଆପଣ ଅ.ସ ପୁନଶ୍ଚ କୁହନ୍ତି: ନିଃସନ୍ଦେହ ରୂପେ ପୂର୍ଣ୍ଣ, ସହଜ ତଥା ସରଳ ମାଧ୍ୟମକୁ ଚିହ୍ନିବାର ଏହି ପ୍ରକୃତ ନୀତି ହେଉଛି ଏବଂ ସେହି ସମସ୍ତ ଆସ୍ଥା ଯାହାଙ୍କର ପୂର୍ଣ୍ଣ ବିଶ୍ୱାସମୂଳକ ଜ୍ଞାନ ଆମମାନଙ୍କର ମୋକ୍ଷ ପ୍ରାପ୍ତି ନିର୍ଭରଶୀଳ ତାହା ହେଉଛି ପବିତ୍ର କୁରଆନ୍ କରୀମ୍ । **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ77)**

ଆପଣ ଅ.ସ କୁହନ୍ତି: ଅଲ୍ଲାଃତାଲା ତ' କହିଛନ୍ତି إِنَّا نَحْنُ نَزَّلْنَا الذِّكْرَ وَإِنَّا لَهُ لَحَافِظُونَ **(ଅଲ୍ ହଜର୍:10)** ନିଃସନ୍ଦେହ ରୂପେ ଆମ୍ଭେ ହିଁ ଉକ୍ତ କୁର୍‌ଆନ୍ କରୀମ୍‌କୁ ଅବତୀର୍ଣ୍ଣ କରିଛୁ ଓ ଆମ୍ଭେ ହିଁ ଏହାକୁ ସୁରକ୍ଷା ପ୍ରଦାନ କରିବୁ । ଅର୍ଥାତ ଯେତେବେଳେ ଏହାର ଅର୍ଥରେ କୌଣସି ତ୍ରୁଟି ପରିଲକ୍ଷିତ ହେବ ସେତେବେଳେ ଏହି ତ୍ରୁଟିକୁ ସଂଶୋଧନ କରିବା ନିମନ୍ତେ ଆମ୍ଭର (ଅଲ୍ଲାଃତାଲାଙ୍କର) ଦ୍ୱାରା ନିଯୁକ୍ତ ଅବତାର ବା ଧର୍ମାଧ୍ୟକ୍ଷମାନେ ଆବିର୍ଭୂତ ହେବେ ।" ସୁତରାଂ ନିଜ ପ୍ରତିଶୃତି ଅନୁଯାୟୀ ଅଲ୍ଲାଃତାଲା ଯୁଗାବତାର ହ. ମିର୍ଜା ଗୁଲାମ୍ ଅହେମଦ୍ କାଦିଆନି ଅ.ସଙ୍କୁ ପ୍ରେରଣ କଲେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅହେମଦିମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଏହି ଆଦେଶାବଳୀ ଉପରେ ଧ୍ୟାନପୂର୍ବକ ବିଚାର କର ଓ ଦେଖ ଯେ, ସାଂପ୍ରତିକ ଯୁଗର କିଭଳି ଅବସ୍ଥା ରହିଛି ? ଅଣ ଅହେମଦି ସଂପ୍ରଦାୟର ଲୋକମାନେ ତୁମମାନଙ୍କୁ ଧରି ତୁମର ଧର୍ମରୁ ଓହରି ଯିବା ପାଇଁ କହୁଛନ୍ତି, ଦଜ୍ଜାଲି (ମାୟାବୀ) ଯୋଜନା କରୁଛନ୍ତି । କିନ୍ତୁ ତୁମେମାନେ ଆଗମନକାରୀ ପ୍ରତିଶୃତ ମସିହ୍ ଓ ମେହଦୀଙ୍କୁ ଦଜ୍ଜାଲ୍ କହି ଏହା ମାଧ୍ୟମରେ ମୁସଲମାନ ସଂପ୍ରଦାୟକୁ ଦୂରୀଭୂତ କରିବା ପାଇଁ ପ୍ରୟାସ କରୁଛ ।" ଆପଣ ଅ.ସ କୁହନ୍ତି: "ତୁମେମାନେ ଏହା ଭାବ ନାହିଁ ଯେ, ମୁଁ ଆସିଗଲି ଓ ମୁଁ ଦାବି କରିଦେଲି । ନା। ବରଂ ତୁମେ ଯୁଗକୁ ଦେଖ ଯେ, ଶତାବ୍ଦୀର ପ୍ରାରମ୍ଭରେ ବାହ୍ୟିକ ଆକ୍ରମଣ ଓ ଆନ୍ତରୀଣ କର୍ମକୁ ଦେଖି ସ୍ୱୟଂ ଚିନ୍ତା କର ଯେ, କ'ଣ ଏହି ଯୁଗରେ ଦଜ୍ଜାଲର ଆବଶ୍ୟକତା ରହିଛି, ଉକ୍ତ ଯୁଗଟି ମସିହ୍ ଓ ମହେଦୀଙ୍କୁ ଆବଶ୍ୟକ ବୋଲି ମନେକରୁଛି କି ? ଆପଣ ଅ.ସ କହିଲେ, ଈର୍ଷା ଓ ବିଦ୍ୱେଷଭାବ ଅତ୍ୟନ୍ତ ଭୟଙ୍କରମୂଳକ ବିପଦ ଅଟେ। କାରଣ ବିଦ୍ୱେଷକାରୀମାନେ କୌଣସି ଅବତାରମାନଙ୍କୁ ସ୍ୱୀକାର କରନ୍ତି ନାହିଁ ।"**(ମଲ୍‌ଫୁଜାତ୍, ଭାଗ-7, ପୃ-230, ସଂସ୍କରଣ ବର୍ଷ-1984 ମସିହା)**

ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଓ ମୁସଲମାନମାନେ ହ. ମସିହ୍ ମଉଦ୍ ଅ.ସଙ୍କର ଉକ୍ତ କଥାକୁ ହୃଦୟଙ୍ଗମ କରନ୍ତୁ । **ଆମିନ୍** । ପବିତ୍ର କର୍‌ଆନ୍ କରୀମ୍‌ର ବିଶେଷତା ସଂପର୍କରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ପବିତ୍ର କୁର୍‌ଆନ୍ କରୀମ୍‌ରେ ଦୁଇଟି ପ୍ରସଙ୍ଗର ବ୍ୟବସ୍ଥା ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖିବାକୁ ମିଳେ । **ପ୍ରଥମତଃ-** ପ୍ରଜ୍ଞା ସମ୍ଭୂତ ବା ବିବେକାନୁମୋଦିତ ଓ **ଦ୍ୱିତୀୟତଃ-** ଐଶୀବାଣୀ ସମ୍ବଳିତ ସାକ୍ଷ୍ୟ । ଉପରୋକ୍ତ ଦୁଇଟି ପ୍ରସଙ୍ଗ ପବିତ୍ର କୁର୍‌ଆନ୍ କରୀମ୍‌ରେ ଦୁଇଟି ବଡ଼ କ୍ଷୁଦ୍ର ନଦୀ ପରି ପ୍ରବାହିତ ଯାହାକି ପରସ୍ପରର କେନ୍ଦ୍ର ବା ମଧ୍ୟ ଏବଂ ପରସ୍ପର ଉପରେ ପ୍ରଭାବ ପକାଇ ଥାଆନ୍ତି।" **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-81, ବି.ଦ୍ର ସଂଖ୍ୟା-4)** ଅର୍ଥାତ ଅହରହ ଭାବରେ ପ୍ରବାହିତ ହେଉଛି । ପରସ୍ପର ସହିତ ସମଗତିରେ ପ୍ରବାହିତ ହେଉଅଛି ଏବଂ ଦୁହେଁ ପ୍ରଭାବ ମଧ୍ୟ ପକାଉଛନ୍ତି ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପବିତ୍ର କୁର୍‌ଆନ୍ କରୀମ୍‌ର ଏହି ଉଦ୍ଦେଶ୍ୟ ଥିଲା ଯେ, ସେ ପଶୁମାନଙ୍କୁ ମନୁଷ୍ୟ ରୂପେ ଗଢିତୋଳୁ ଓ ମନୁଷ୍ୟରୁ ପୁଣି ଚରିତ୍ରସମ୍ପନ୍ନ ବ୍ୟକ୍ତିରେ ପରିଣତ କରୁ ଏବଂ ଚରିତ୍ରସମ୍ପନ୍ନ ବ୍ୟକ୍ତିରୁ ପୁନଶ୍ଚ ଈଶ୍ୱରାନୁରାଗୀ ବ୍ୟକ୍ତିରେ ପରିଣତ କରିଦେଉ ।"**(ଇସ୍‌ଲାମୀ ଉସୁଲ୍ କି ଫିଲାସଫୀ, ରୁହାନୀ ଖଜାଏନ୍, ଭାଗ-10, ପୃ-329)**

ଆରବ୍ୟମାନଙ୍କ କ୍ଷେତ୍ରରେ ଆମେମାନେ ଏହା ଅବଲୋକନ କରୁ ଯେ, ଏହି ଉଦ୍ଦେଶ୍ୟ ଚରିତାର୍ଥ ହେଲା ଏବଂ ଅତ୍ୟନ୍ତ ଭବ୍ୟ ଢଙ୍ଗ ତଥା ମହାସୁଅରେ ପୂର୍ଣ୍ଣ ହେଲା । କିଛି ବର୍ଷ ତଳର କଥା ହେବ ମୋ ନିକଟରେ ସ୍ୱୟଂ ଜଣେ ଇହୁଦୀ ବ୍ୟକ୍ତି ଏହି ଚର୍ଚ୍ଚା କଲା ଯେ, ମୁଁ ମୁସଲମାନ ତ' ନୁହେଁ କିନ୍ତୁ ଆଁହଜରତ ସ.ଅଙ୍କୁ ଅବତାରା ବା ବାର୍ତ୍ତାବହ ରୂପେ ଅବଶ୍ୟ ସ୍ୱୀକାର କରେ । କାରଣ ସେହି କାଳର ଆରବୀୟ ନିରକ୍ଷର ଆଦିବାସୀମାନଙ୍କର ଯେଉଁ ଅବସ୍ଥା ଥିଲା ଯେଭଳି ଭାବରେ ବିପ୍ଲବାତ୍ମକ ଶୈଳୀରେ ସେମାନଙ୍କର ପରିବର୍ତ୍ତନ କରାଗଲା ସେହି କାର୍ଯ୍ୟଟି କେବଳ ଜଣେ ଅବତାରଙ୍କର କାର୍ଯ୍ୟ ହୋଇପାରେ ଅନ୍ୟ କୌଣସି ସାଧାରଣ ବ୍ୟକ୍ତିର ସେହି କାର୍ଯ୍ୟ କଦାପି ହୋଇପାରିବ ନାହିଁ । ଏହି କାର୍ଯ୍ୟଟି କେବଳ ସେହି ବ୍ୟକ୍ତି କରିପାରିବ ଯିଏ ଅଲ୍ଲାଃତାଲାଙ୍କ ଠାରୁ ମାର୍ଗଦର୍ଶନ ପ୍ରାପ୍ତ କରିଥିବ ।

ଆପଣ ଅ.ସ କୁହନ୍ତି: "ପବିତ୍ର କୁରଅନ୍ କରୀମ୍‌କୁ ଦେଖି ଆଶ୍ଚର୍ଯ୍ୟ ଚକିତ ହେବାକୁ ପଡ଼େ ଯେ, ସେହି ନିରକ୍ଷର ବ୍ୟକ୍ତି କେବଳ ବ୍ରହ୍ମ ତଥା ତତ୍ତ୍ୱଜ୍ଞାନ ସଂପର୍କରେ ଆମମାନଙ୍କୁ କହିଲେ ନାହିଁ ବରଂ ଆମମାନଙ୍କର ଆତ୍ମିକ ଅବସ୍ଥା ମାଧ୍ୟମରେ ପରିଚିତ ତଥା ଅବଗତ କରାଇଲ । ଏପର୍ଯ୍ୟନ୍ତକି أَيَّدَهُمْ بِرُوحٍ مِّنْهُ ଅର୍ଥାତ ନିଜ ତରଫରୁ ବାଣୀ ପ୍ରଦାନ କରି ସେମାନଙ୍କୁ ସାହାଯ୍ୟ କରିଛନ୍ତି । ହ. ମସିହ୍ କୁହନ୍ତି: "ଦେଖ ଓ ଧ୍ୟାନପୂର୍ବକ ବିଚାର କର ! ଯେ, ପବିତ୍ର କୁର୍‌ଆନ୍ କରୀମ୍ ପ୍ରତ୍ୟେକ ଶୈଳୀ ଅନୁଯାୟୀ ଅନ୍ୱେଷଣକାରୀକୁ ନିଜର ଅର୍ଥ ପର୍ଯ୍ୟନ୍ତ ପହଞ୍ଚାଇଥାଏ ଓ ପ୍ରତ୍ୟେକ ପ୍ରକାରର ସତ୍‌ମାର୍ଗର ପିପାସୁ ବ୍ୟକ୍ତିକୁ ପିପାସା ମେଣ୍ଟାଇ ସେମାନଙ୍କୁ ସେଚିତ କରିଥାଏ ।" **(ମଲ୍‌ଫୁଜାତ୍, ଭାଗ-1, ପୃ-122, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଯଦିଓ ଏକ ଐଶ୍ୱରୀକବାଣୀ ବିଶ୍ୱାସ ଜନ୍ମାଇବା ନିମନ୍ତେ ଆସିଥିଲା । କିନ୍ତୁ ପବିତ୍ର କୁର୍‌ଆନ୍ କରୀମ୍ ଏହି ସର୍ବୋଚ୍ଚ ସ୍ତରୀୟ ବିଶ୍ୱାସର ମୂଳଦୁଆ ସ୍ଥାପନ କରି ଏହାକୁ ସଂପୂର୍ଣ୍ଣ କରିଦେଲା । **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-80, ବିଦ୍ର. ସଂଖ୍ୟା-4)**

ଜମାଅତ୍‌ର ସଦ୍ୟସବୃନ୍ଦଙ୍କୁ ପବିତ୍ର କୁର୍‌ଆନ୍ କରୀମ୍‌ର ଶିକ୍ଷା ଉପରେ ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଇବା ନିମନ୍ତେ ଆପଣ ଅ.ସ କୁହନ୍ତି: "ଶରାଏତେ ବୈଅତ୍‌ର ଷଷ୍ଠ ସର୍ତ୍ତରେ ଏହା ଉଲ୍ଲେଖ ରହିଛି ଯେ, ପ୍ରଥା ପରମ୍ପରାର (ଅନ୍ଧ) ଅନୁକରଣ, କାମନା ତଥା ବାସନା ଠାରୁ ସର୍ବଦା ଦୂରେଇ ରହିବ ଏବଂ ପବିତ୍ର କୁର୍‌ଆନ୍ କରୀମ୍‌ର ଆଦେଶବଳୀକୁ ପୂର୍ଣ୍ଣତଃ ନିଜ ଉପରେ ଶିରୋଧାର୍ଯ୍ୟ କରିନେବ ଓ **କାଲଲ୍ଲାଃହୁ** (ଅଲ୍ଲାଃତାଲାଙ୍କ ଆଦେଶାବଳୀ) ଓ **କାଲର୍ ରସୁଲ୍** (ରସୁଲଙ୍କ ଆଦେଶାବଳୀ)କୁ ପ୍ରତ୍ୟେକ ମାର୍ଗରେ ନିଜର କାର୍ଯ୍ୟଶୈଳୀ ବା କାର୍ଯ୍ୟପନ୍ଥା ରୂପେ ବରଣ କରିବ ।" **(ଇଜାଲା ଅଉହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-564)**

କିନ୍ତୁ କୁବିଦ୍ୱାନ୍‌ମାନେ ଯେଉଁମାନେ ବୁଦ୍ଧିହୀନ, ବିବେକଶୂନ୍ୟ ଅଟନ୍ତି ସେମାନଙ୍କ ନିକଟରେ ଆମମାନେ ତଥାପି ପବିତ୍ର କୁର୍‌ଆନ୍ କରୀମ୍‌ରେ ପରିବର୍ତ୍ତନକାରୀ ସଂପ୍ରଦାୟ ଅଟୁ । ଆପଣ ଅ.ସ କୁହନ୍ତି: ଐଶୀବାଣୀର କୌଣସି ଆୟତ୍‌ରେ ପରିବର୍ତ୍ତନ ଓ ପଂକ୍ତିକୁ ଆଗପଛ କରିବାର ଅଧିକାର କଦାପି ଆମମାନଙ୍କର ନାହିଁ । ନା ଆମେମାନେ ପବିତ୍ର କୁରଆନ୍ କରୀମ୍‌କୁ ପରିବର୍ତ୍ତନ କରିପାରିବୁ, ନା କୌଣସି

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ବାକ୍ୟ ବିନ୍ୟାସ କରିପାରିବୁ, ନା ପବିତ୍ର କୁରଆନ୍ ଆଗକୁ ବଢି ପାରିବୁ ଓ ନା ହିଁ ତହିଁରେ ଊଣା ଅଧିକ କରିପାରିବୁ । କୌଣସି ପ୍ରକାରର ବାକ୍ୟ ସୃଷ୍ଟି କରିବାରେ ଆମେମାନେ ସକ୍ଷମ ନାହୁଁ । କିନ୍ତୁ କେବଳ ଗୋଟିଏ ସ୍ଥିତିରେ । ଅର୍ଥାତ ନବୀ କରୀମ ସ.ଅ ଯେତେବେଳେ ଏପରି କରିଥିବେ ତେବେ ସେହି ସ୍ଥିତିରେ ହିଁ କରିପାରିବୁ। ଅନ୍ୟଥା ନୁହେଁ । ହଁ କେଉଁଠି ଯଦି ଏହା ପ୍ରମାଣତ ହୋଇଯାଏ ଯେ, ନବୀ କରୀମ୍ ସ.ଅ ଏପରି ପରିବର୍ତ୍ତନ କରିଛନ୍ତି ତାହାହେଲେ ଠିକ୍ ଅଛି । ତୁମେମାନେ (ବିରୋଧୀମାନେ) ଆମକୁ କୁହ ଯେ, ଆଁହଜରତ ସ.ଅ **ନାଉଜୁ ବିଲ୍ଲାଃ** ସ୍ୱୟଂ ପବିତ୍ର କୁର୍‌ଆନ୍ କରୀମ୍‌ରେ କୌଣସି ପରିବର୍ତ୍ତନ କରିଛନ୍ତି ତାହାହେଲେ ଠିକ୍ ଅଛି । ଅନ୍ୟଥା ଯେପର୍ଯ୍ୟନ୍ତ ଏପରି ପ୍ରମାଣିତ ନହୁଏ ତେବେ ସେପରିପ୍ରେକ୍ଷୀରେ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ର ବ୍ୟାପକ କ୍ରମିକତାକୁ ଉପର ତଳ କରିପାରିବୁ ନାହିଁ ଓ ନା ହିଁ ତହିଁରେ ନିଜ ପକ୍ଷରୁ କେତେକ ବାକ୍ୟ ମିଶାଇ ପାରିବୁ । ଯଦି ଆମେମାନେ ଏପରି କଲୁ ତେବେ ପ୍ରଭୁଙ୍କ ନିକଟରେ ଆମେମାନେ ଦୋଷୀ ଓ ଶାସ୍ତିଯୋଗ୍ୟ ଅଟୁ ।" **(ଅତ୍‌ମାମୁଲ୍ ହୁଜ୍ଜା, ରୁହାନୀ ଖଜାଏନ୍, ଭାଗ-8, ପୃ-291)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯଦି ଏପରି ହୋଇପାରିବ ନାହିଁ ତେବେ ତୁମେମାନେ ଆମମାନଙ୍କୁ କାହିଁକି ଦୋଷୀ ସାବ୍ୟସ୍ତ କରୁଛ ? ଯଦି ଆମେମାନେ ଏପରି କଲୁ ତେବେ ଆମେମାନେ ପ୍ରଭୁଙ୍କ ନିକଟରେ ଦୋଷୀ ଅଟୁ । ଅତଏବ ହ. ମସିହ୍ ମଉଦ୍ ଅ.ସ ଯେତେବେଳେ ପବିତ୍ର କୁରଆନ୍ କରୀମ୍‌ରେ ପ୍ରତ୍ୟେକ ପ୍ରକାରର ପରିବର୍ତ୍ତନକୁ ପ୍ରତ୍ୟାଖ୍ୟାନ କରିଦେଲେ ଓ ପବିତ୍ର କୁରଆନ୍ କରୀମ୍‌ରେ ପ୍ରତ୍ୟେକ ପ୍ରକାରର ପରିବର୍ତ୍ତନକୁ ପ୍ରତ୍ୟାଖ୍ୟାନ କରି ଏହି ଘୋଷଣା କରିଦେଲେ ଯେ, ଆମେମାନେ ଯଦି ଏପରି କରୁ ତେବେ ଆମେମାନେ ଦୋଷୀ ଅଟୁ ଓ ଅଲ୍ଲାଃତାଲାଙ୍କ ସମକ୍ଷରେ ଆମେମାନେ ଶାସ୍ତିଯୋଗ୍ୟ ଅଟୁ । କିନ୍ତୁ ଆମମାନଙ୍କ ଉପରେ ଯେଉଁମାନେ ଦୋଷାରୋପଣ କରନ୍ତି ସେମାନେ ନିଜକୁ ଅଲ୍ଲାଃତାଲାଙ୍କ ଠାରୁ ମହାନ୍ ବୋଲି ମନେକରନ୍ତି । ନିଃସନ୍ଦେହ ରୂପେ ଅଲ୍ଲାଃତାଲା ଆମମାନଙ୍କୁ ଦୋଷୀ ସାବ୍ୟସ୍ତ ନକରନ୍ତୁ କିନ୍ତୁ ଏହି ବିରୋଧୀ ଲୋକମାନେ ଆମମମାନଙ୍କୁ ଜୋର ଜବରଦସ୍ତ ଦୋଷୀ ସାବ୍ୟସ୍ତ କରାଇ ଆମକୁ ଅବଶ୍ୟ ଶାସ୍ତି ଓ ଆମର ଧରପକଡ଼ କରିବେ । ଏଇଥିପାଇଁ ଏମାନେ ଆଜିକାଲି ଚିତ୍କାର କରି ବୁଲୁଛନ୍ତି । ଏହିଭଳି ଦୁଷ୍ଟ ବ୍ୟକ୍ତିଙ୍କର ଉପଦ୍ରବ ଠାରୁ ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ସୁରକ୍ଷିତ ରଖନ୍ତୁ ଓ ସେମାନଙ୍କର ଉପଦ୍ରବ ସେହିମାନଙ୍କ ଉପରେ ଲେଉଟାଇ ଦିଅନ୍ତୁ । **ଆମିନ୍** ।"

ଆମମାନଙ୍କୁ ପ୍ରକୃତ ଅର୍ଥରେ ପବିତ୍ର କୁରଆନ୍ କରୀମ୍‌କୁ ବୁଝିବା ଓ ଏହାର ଆଦେଶାବଳୀକୁ କାର୍ଯ୍ୟକାରୀ କରାଇବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ପାକିସ୍ତାନର ଅହେମଦିମାନଙ୍କ ନିମନ୍ତେ ଓ ପାକିସ୍ତାନର ସାମୂହିକ ପରିସ୍ଥିତି ପାଇଁ ଦୁଆ କରନ୍ତୁ । ବୁର୍କିନାଫାସୋରେ ଅହେମଦିମାନଙ୍କୁ ଓ ଦେଶର ସାମୂହିକ ପରିସ୍ଥିତି ପାଇଁ ଦୁଆ କରନ୍ତୁ । ବାଂଲାଦେଶର ଅହେମଦିମାନଙ୍କ ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସୁରକ୍ଷିତ ରଖନ୍ତୁ । ସେଠାରେ ପୁନଶ୍ଚ ଆଜି ସମ୍ଭତଃ ମୌଲବୀମାନଙ୍କୁ କିଛି ପାଟିତୁଣ୍ଡ କରିବାର ଥିଲା । ସଂସାରର ପ୍ରତ୍ୟେକ ରାଷ୍ଟ୍ରରେ ଯେଉଁଠି ଯେଉଁଠି ଅହେମଦି ବାସ କରନ୍ତି ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । ରମ୍‌ଜାନ୍ ମାସ ବର୍ତ୍ତମାନ ପ୍ରାରମ୍ଭ ହେଉଛି ଯେପରିକି ମୁଁ କହିଥିଲି ଏହି ମାସରେ ବିଶେଷ ରୂପେ ପବିତ୍ର କୁର୍‌ଆନ୍ କରୀମ ପାଠ କରିବା ଓ ବୁଝିବା ପ୍ରତି ଧ୍ୟାନ ଦିଅନ୍ତୁ। ସେଠାରେ ଦୁଆ କରିବା ପ୍ରତି ମଧ୍ୟ ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥିନିମନ୍ତେ ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ ଓ ରମ୍‌ଜାନ୍ ମାସର ଯଶ, କଲ୍ୟାଣରୁ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **(ରୋଜନାମା ଅଲ୍ ଫଜଲ୍ ଇଣ୍ଟରନେସ୍‌ନାଲ୍, ଏପ୍ରିଲ୍ ମାସ 7 ତାରିଖ 2007 ମସିହା, ପୃ-2-7)**

☆ ☆ ☆

## (ଖୁତ୍‌ବା ଜୁମା)

**"ଚଳିତ୍ ଶତାବ୍ଦୀର ଶୀର୍ଷରେ ଇଶ୍ୱରଙ୍କ ପକ୍ଷରୁ ଯିଏ ଧର୍ମସଂସ୍କାର ଓ ଧର୍ମସଂସ୍ଥାପନ ନିମନ୍ତେ ଆସିଥାଆନ୍ତେ ସେ ହେଉଛି ମୁଁ । ଯେଉଁ ବିଶ୍ୱାସଟି ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯାଇଥିଲା ତାହାକୁ ପୁନର୍ବାର ମୁଁ ସ୍ଥାପିତ କରିଦେବି ଓ ଅଲ୍ଲାଃତାଲାଙ୍କ ଠାରୁ ଶକ୍ତି ପ୍ରାପ୍ତ କରି ତାହାଙ୍କ ହସ୍ତର ଆକର୍ଷଣରୁ ସଂସାରକୁ ସଂସ୍କାର, ଧର୍ମପରାୟଣତା ଓ ସତ୍ୟବାଦୀତା ଅଡ଼କୁ ଆକର୍ଷିତ କରିବି ତଥା ସେମାନଙ୍କର ଆସ୍ଥା ଭିତ୍ତିକ ଏବଂ ଚାରିତ୍ରିକ ଦୋଷତ୍ରୁଟିକୁ ଦୂରୀଭୂତ କରିଦେବି ।" (ହ. ମସିହ୍ ମଉଦ୍ ଅ.ସ)**

**ଆଉ ଏକ ଗୋଷ୍ଠୀ ରହିଛି ଯିଏ ଶେଷ ଯୁଗରେ ପ୍ରାଦୁର୍ଭୂତ ହେବ, ସେମାନେ ମଧ୍ୟ ପ୍ରଥମ ଅନ୍ଧକାର ଓ ମାର୍ଗଭ୍ରଷ୍ଟ ହେବେ ଏବଂ ଶିକ୍ଷା, ତତ୍ତ୍ୱଜ୍ଞାନ ଏବଂ ବିଶ୍ୱାସରୁ ଦୂରରେ ଥିବେ । ସେତେବେଳେ ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସାହାବାମାନଙ୍କ ଶୈଳୀରେ ଅର୍ଥାତ ସାହାବାମାନଙ୍କ ମାର୍ଗରେ ପରିଚାଳିତ କରାଇବେ ।**

**"ଉଭୟ ଦୃଷ୍ଟିରୁ ଦେଖିବାକୁ ଗଲେ ମସିହ୍ ମଉଦ୍ ଓ ଫାର୍ସିଉଲ୍ ଅସଲଙ୍କ ଏକ ପ୍ରକାରର ଯୁଗ ଅଟେ ଏବଂ କାର୍ଯ୍ୟ ମଧ୍ୟ ସମାନ ଅଟେ । ଅର୍ଥାତ ବିଶ୍ୱାସକୁ ପୁନଃ ସ୍ଥାପନ କରିବା । ତେଣୁ ନିଶ୍ଚିତ ରୂପେ ଏହା ପ୍ରମାଣିତ ହେଲା ଯେ, ହ. ମସିହ୍ ମଉଦ୍ ଅ.ସ ହିଁ ଫାର୍ସିଉଲ୍ ଅସଲ୍ ଅଟନ୍ତି ଓ ତାହାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଜମାଅତ୍ ହିଁ ସତ୍ୟ ଉପରେ ପ୍ରତିଷ୍ଠିତ ଅଟେ । ସେହି ଜମାଅତ୍ ସପକ୍ଷରେ ପବିତ୍ର କୁର୍‌ଆନ୍ କରୀମ୍‌ର ଏହି ଆୟତ୍ ଅର୍ଥାତ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ ସାକ୍ଷ୍ୟ ପ୍ରଦାନ କରୁଅଛି ।"**

**ଦ୍ୱିତୀୟ ଗୋଷ୍ଠୀ ହେଉଛି ସେହି ଗୋଷ୍ଠୀ ଯିଏ ପବିତ୍ର କୁରାନ୍ କରୀମର ଉପରୋକ୍ତ ଆୟତ୍ ଅନୁଯାୟୀ ସାହାବାମାନଙ୍କ ସଦୃଶ ଅଟନ୍ତି। ସେହି ଗୋଷ୍ଠୀ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ ଗୋଷ୍ଠୀ । କାରଣ ଏହି ଗୋଷ୍ଠୀ ସାହାବାମାନଙ୍କ ପରି ଆଁହଜରତ ସ.ଅଙ୍କର ଚମତ୍କାରକୁ ଅବଲୋକନ କରିବ ଏବଂ ଅନ୍ଧକାର ତଥା ମାର୍ଗଭ୍ରଷ୍ଟତା ପରେ ମାର୍ଗଦର୍ଶନ ପ୍ରାପ୍ତକାରୀ ବ୍ୟକ୍ତି ଆୟତ୍ وَّاٰخَرِيْنَ مِنْهُمْରେ ଯାହାକି ଉକ୍ତ (ଜମାଅତ୍ ଅହେମଦିୟା) ସଂପ୍ରଦାୟକୁ مِنْهُمْର ସମ୍ପଦରୁ ସାମଞ୍ଜସ୍ୟତା ହେବାର ପୁରସ୍କାରରୁ ଅଂଶ ପ୍ରଦାନ ଦିଆଯାଇଛି ।**

"بخرام کہ وقتِ تو نزدیک رسید و پائے محمدیاں بر منار بلندتر محکم اُفتاد"

**ଅଲ୍ଲାଃତାଲା ମୋତେ ଚତୁର୍ଦ୍ଦଶ ଶତାବ୍ଦୀର ଶୀର୍ଷରେ ବିଶ୍ୱାସ ଓ ପରିଚୟ ସ୍ଥାପନ ନିମନ୍ତେ ପ୍ରେରଣ କରିଛନ୍ତି । ପ୍ରଭୁଙ୍କ ସମର୍ଥନ ଓ କୃପାରୁ ମୋ ହସ୍ତ ଦ୍ୱାରା ଆକାଶୀୟ ନିଦର୍ଶନ ପ୍ରକାଶିତ ହେଉଅଛି ଏବଂ ତାହାଙ୍କ ଅଭିଳାଷା ତଥା ଆବଶ୍ୟକତାନୁଯାୟୀ ମୋର ପ୍ରାର୍ଥନା ସ୍ୱୀକୃତ ହୋଇଥାଏ ।**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

**"ଆଜି ଯଦି ମୁସଲମାନମାନେ ଉକ୍ତ ସତ୍ୟତାକୁ ହୃଦୟଙ୍ଗମ କରି ନିଅନ୍ତି ଯେ, ଯେଉଁ ମସିହ୍ ଓ ମେହଦୀଙ୍କର ଆଗମନ ଘଟିବାର ଥିଲା । ସେ ଆସିଯାଇଛନ୍ତି ଏବଂ ଆଁହଜରତ ସ.ଅଙ୍କର ପ୍ରକୃତ ପ୍ରେମିକ ଓ ସତ୍ୟବାଦୀ ଦାସ ମଧ୍ଯ ଆପଣ ଅ.ସ ହିଁ ଅଟନ୍ତି । ଆପଣ ଅ.ସଙ୍କ ବୈଅତ୍ କରିବା ଦ୍ୱାରା ଆଁହଜରତ ସ.ଅଙ୍କ ଆଦେଶାବଳୀ ପାଳନ କରିବା ସହିତ ତୁଲ୍ୟ ଏବଂ ନିତାନ୍ତ ଆବଶ୍ୟକ ଅଟେ । ସୁତରାଂ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ତାହାଙ୍କ ବୈଅତରେ ସାମିଲ୍ ହୋଇଯାଆନ୍ତୁ । ମୁସଲମାନମାନେ ଆପଣ ଅ.ସଙ୍କୁ ମାନିନେବା ପରେ ସଂସାରରେ ନିଜର ପ୍ରତିଷ୍ଠା ଓ ଶ୍ରେଷ୍ଠତ୍ୱତାକୁ ସ୍ୱୀକୃତି କରାଇ ପାରିବେ ଏବଂ ପ୍ରଭୁଙ୍କର କୃପାକୁ ସାଉଁଟିବାକୁ ସକ୍ଷମ ହୋଇପାରିବେ । ଅନ୍ୟଥା ସେମାନଙ୍କର ଯେଉଁ ଦୁର୍ଗତି ବା ଦଶା ହେଉଛି ତାହା ହିଁ ଆଗକୁ ହେବ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଓ ବୁଝିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।**

**୨୩ ମାର୍ଚ୍ଚର ଦିନ ଜମାଅତ୍ ଅହେମଦିରେ ୟୌମେ ମସିହ୍ ମଉଦ୍ (ପ୍ରତିଶୃତ ମସିହ୍ ଦିବସ) ରୂପେ ପାଳନ କରାଯାଏ । ଆମେମାନେ ସୌଭାଗ୍ୟଶାଳୀ ଯେ, ଆମେମାନେ ଅଲ୍ଲାଃତାଲାଙ୍କର ସେହି ପ୍ରତିଶୃତି ଓ ଆଁହଜରତ ସ.ଅଙ୍କର ଭବିଷ୍ୟବାଣୀ ଅନୁଯାୟୀ ଯୁଗାବତାର ତଥା ଧର୍ମାଧ୍ୟକ୍ଷ, ପ୍ରତିଶୃତ ମସିହ୍ ଓ ମାର୍ଗଦର୍ଶୀଙ୍କୁ ସ୍ୱୀକାର କରିବାକୁ ସାମର୍ଥ୍ୟ ଲାଭ କରିଛେ ।**

**ମସିହ୍ ମଉଦ୍ ଅ.ସ ଦିବସ ଉପଲକ୍ଷେ ହ. ମସିହ୍ ମଉଦ୍ ଅ.ସଙ୍କ ଶବ୍ଦରେ ସୁରତୁଲ୍ ଜୁମାର ଆୟତ୍‌ର ବ୍ୟାଖ୍ୟା, ପ୍ରତିଶୃତ ମସିହଙ୍କ କାଳର ବିଭିନ୍ନ ନିଦର୍ଶନ, ବିଭିନ୍ନ ଭବିଷ୍ୟତବାଣୀ ତଥା ହ. ମସିହ୍ ମଉଦ୍ ଅ.ସଙ୍କ ଦାବିଗୁଡ଼ିକର ସଂକ୍ଷିପ୍ତ ଚର୍ଚ୍ଚା ।**

**ଜମାଅତ୍ ଅହେମଦିୟା ପାକିସ୍ତାନ, ବୁର୍କିନାଫାସୋ ଓ ବାଂଲାଦେଶର ଅହେମଦିମାନଙ୍କ ନିମନ୍ତେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ହୁଜୁର ଅନୱର୍ ଅ.ବଙ୍କ ପୁନଃ ଆହ୍ୱାନ ଓ ଧ୍ୱଂସମୁଖରୁ ବିଶ୍ୱର ଉଦ୍ଧାର ପାଇଁବା ପାଇଁ ହୁଜୁର ଅନୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ନିମନ୍ତେ ।**

**ଅଲ୍ ଫଜଲ୍ ଇଣ୍ଟରନେସ୍‌ନାଲ୍‌ର ଦୈନିକ ହେବା ସଂକ୍ରାନ୍ତରେ ଏହାକୁ ପାଠ କରିବା, କ୍ରୟ କରିବା ନିମନ୍ତେ, ସେହିପରି ଅଲ୍ ଫଜଲ୍‌ର ଲେଖକମଣ୍ଡଳୀଙ୍କ ପାଇଁ ଦୁଆ କରିବାକୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା**
**24 March 2023 ମସିହା ଅନୁଯାୟୀ ୨୪ ଅମାନ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ هُوَ الَّذِىْ بَعَثَ فِى الْاُمِّيّٖنَ رَسُوْلًا مِّنْهُمْ يَتْلُوْا عَلَيْهِمْ اٰيٰتِهٖ وَيُزَكِّيْهِمْ وَيُعَلِّمُهُمُ الْكِتٰبَ وَالْحِكْمَةَ وَاِنْ كَانُوْا مِنْ قَبْلُ لَفِىْ ضَلٰلٍ مُّبِيْنٍ۔ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ وَهُوَ الْعَزِيْزُ الْحَكِيْمُ۔ (ଅଲ୍ ଜୁମା:3-4)ଆୟାତ୍‌ର ତିଲାୱତ୍ କରି ଅନୁବାଦ ଉପସ୍ଥାପନ କଲେ;- "ସେ (ଅଲ୍ଲାଃ) ହିଁ ନିରକ୍ଷର ସଂପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି । ସେ (ଅବତାର) ନିରକ୍ଷର ହେବା ସତ୍ତ୍ୱେ ସେମାନଙ୍କୁ ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି ଓ ସେମାନଙ୍କୁ ପବିତ୍ର କରାଉଛନ୍ତି, ସେମାନଙ୍କୁ (ଧର୍ମ) ଗ୍ରନ୍ଥ ଓ ତତ୍ତ୍ୱଶିକ୍ଷା ଦେଉଛନ୍ତି । ଅଥଚ ସେମାନେ ଏଥି ପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ (ପତିତ) ଥିଲେ ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମ ଓ ତତ୍ତ୍ୱଜ୍ଞ ।"

୨୩ ମାର୍ଚ୍ଚର ଦିନ ଜମାଅତ୍ ଅହେମଦିରେ ୟୌମେ ମସିହ୍ ମଉଦ୍ (ପ୍ରତିଶୃତ ମସିହ୍ ଦିବସ) ରୂପେ ପାଳନ କରାଯାଏ । ଆମେମାନେ ସୌଭାଗ୍ୟଶାଳୀ ଯେ, ଆମେମାନେ ଅଲ୍ଲାଃତାଲାଙ୍କର ସେହି ପ୍ରତିଶୃତି ଓ ଆଁହଜରତ ସ.ଅଙ୍କର ଭବିଷ୍ୟବାଣୀ ଅନୁଯାୟୀ ଯୁଗାବତାର ତଥା ଧର୍ମାଧ୍ୟକ୍ଷ, ପ୍ରତିଶୃତ ମସିହ୍ ଓ ମାର୍ଗଦର୍ଶୀଙ୍କୁ ସ୍ୱୀକାର କରିବାକୁ ସାମର୍ଥ୍ୟ ଲାଭ କରିଛେ । ୨୩ ମାର୍ଚ୍ଚ ୧୮୮୯ ମସିହାରେ ଆପଣ ଅ.ସ ଲୁଧିୟାନାରେ ବୈଅତ୍ ଗ୍ରହଣ କରି ନୈଷ୍ଠିକ ବ୍ୟକ୍ତିଙ୍କର ଏକ ଜମାଅତ୍ ସ୍ଥାପନ କଲେ । ଉପରୋକ୍ତ ସୁରତୁଲ୍ ଜୁମାର ଯେଉଁ ଆୟତ୍‌ର ମୁଁ ଅନୁବାଦ କରିଛି, ତହିଁରେ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କ ଆଗମନ ତଥା ତାହାଙ୍କ ମାଧ୍ୟମରେ ଏକ (ଦଳ) ଜମାଅତ୍ ସ୍ଥାପନର ଶୁଭ ସୂଚନା ପ୍ରଦାନ କରାଯାଇଛି । ଏତଦ୍‌ଭିନ୍ନ ଅନ୍ୟ ଆୟତ୍‌ଗୁଡ଼ିକରେ ଏବଂ ଆହାଦିସ୍‌ରେ ମଧ୍ୟ ଏହାର ସୂଚନା ପ୍ରଦାନ କରାଯାଇଛି । ବର୍ତ୍ତମାନ ମୁଁ ଉପରୋକ୍ତ ଆୟାତ୍‌ର ବ୍ୟାଖ୍ୟା ଓ ଆଗାମନକାରୀ ପ୍ରତିଶୃତ ମସିହ୍ ମଉଦ୍ ଅ.ସଙ୍କ କାଳରେ ଯେଉଁ ବିଭିନ୍ନ ନିଦର୍ଶନ ବର୍ଣ୍ଣିତ ହୋଇଛି ତାହାର ସବିଶେଷ ବିବରଣୀ ହ. ମସିହ୍ ମଉଦ୍ ଅ.ସଙ୍କ ନିଜ ଭାଷାରେ ଉଲ୍ଲେଖିତ ରହିଛି ତାହା ଏଠାରେ ମୁଁ ବର୍ଣ୍ଣନା କରିବି । ସେହିପରି ଆପଣ ଅ.ସ ଯେଉଁ ଦାବି କରିଥିଲେ ତାହାର ସଂକ୍ଷିପ୍ତ ଚର୍ଚ୍ଚା ମଧ୍ୟ ମୁଁ ଆପଣ ଅ.ସଙ୍କ ଭାଷାରେ ପ୍ରଦାନ କରିବି ।

ଉପରୋକ୍ତ ଆୟାତ୍‌ର ବ୍ୟାଖ୍ୟା କରି ଆପଣ ଅ.ସ କୁହନ୍ତି: ଉପରୋକ୍ତ ଆୟାତ୍‌ର ନିଷ୍କର୍ଷ ଏହିକି ଯେ, ପରମେଶ୍ୱର ହେଉଛନ୍ତି ସେହି ଈଶ୍ୱର ଯିଏ ଏଭଳି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ନିଜର ଅବତାରଙ୍କୁ ପ୍ରେରଣ କଲେ ଯେ, ଲୋକମାନେ ସଂପୂର୍ଣ୍ଣ ରୂପେ ଜ୍ଞାନ ଓ ବ୍ରହ୍ମଜ୍ଞାନ ଶୂନ୍ୟ ହୋଇଯାଇଥିଲେ । ବ୍ରହ୍ମଜ୍ଞାନମୂଳକ ଜ୍ଞାନ ଓ ଧର୍ମଭିତ୍ତିକ ଜ୍ଞାନ ଯାହା ଦ୍ୱାରା ଆତ୍ମା ପୂର୍ଣ୍ଣ ରୂପେ ସିଦ୍ଧିଲାଭ କରିଥାଏ ଏବଂ ମନୁଷ୍ୟର ଆତ୍ମା ନିଜର ଚରମ ସୀମା ଅର୍ଥାତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଯେଉଁ ମାଧ୍ୟମ ରହିଥିଲା ତାହାକୁ ମନୁଷ୍ୟ ପାସୋରି ବସିଥିଲା ଏବଂ ଏହି ବ୍ରହ୍ମଜ୍ଞାନ ସମ୍ପନ୍ନ ଜ୍ଞାନ ଏବଂ ଧର୍ମଭିତ୍ତିକ ଜ୍ଞାନ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇ ଯାଇଥିଲା । ଠିକ୍ ସେହିଭଳି ସନ୍ଧିକ୍ଷଣ ମୁହୂର୍ତ୍ତରେ ଅଲ୍ଲାଃତାଲା ନିଜର ଲେଖାପଢା ଜାଣି ନଥିବା ଅବତାରଙ୍କୁ ପ୍ରେରଣ କଲେ ଏବଂ ସେହି ଅବତାର ଲୋକମାନଙ୍କର ଅତ୍ମାକୁ ପବିତ୍ର କରିଥିଲେ ଏବଂ ଧର୍ମଭିତ୍ତିକ ଜ୍ଞାନ ଏବଂ ବ୍ରହ୍ମଜ୍ଞାନ ମାଧ୍ୟମରେ ସେମାନଙ୍କୁ ସତ୍‌ପଥ ପ୍ରତି ମାର୍ଗଦର୍ଶନ କରାଇଥିଲେ । ଅର୍ଥାତ ନିଦର୍ଶନ ଓ ଚମତ୍କାର ମାଧ୍ୟରେ ସେମାନଙ୍କର ବିଶ୍ୱାସର ଯେଉଁ ସ୍ତର ରହିଥିଲା ତାହାକୁ ପୂର୍ଣ୍ଣ ବିଶ୍ୱାସରେ ପରିଣତ କରିଥିଲେ । ଆପଣ ଅ.ସ ପୁନଶ୍ଚ କହିଲେ, ଆଉ ଏକ ଗୋଷ୍ଠୀ ରହିଛି ଯେକି ଶେଷ ଯୁଗରେ ଆବିର୍ଭୂତ ହେବ, ସେହି ସମୟରେ ମଧ୍ୟ ଲୋକମାନେ ନାନା ଅନ୍ଧକାର ଏବଂ କୁପ୍ରଥା ତଥା ଅନ୍ଧବିଶ୍ୱାସରେ ବୁଡ଼ି ରହିଥିବେ । ଠିକ୍ ସେତିକିବେଳେ ପ୍ରଭୁ ସେହି ମାର୍ଗଚ୍ୟୁତ ଲୋକ ଅର୍ଥାତ ସାହାବାମାନଙ୍କ ପରି ବିଶ୍ୱାସ ରଖୁଥିବା ବ୍ୟକ୍ତିମାନଙ୍କ ମାର୍ଗଦର୍ଶନ ସକାଶେ ସେମାନଙ୍କୁ ଛିଡ଼ା କରିବେ । ଏପର୍ଯ୍ୟନ୍ତକି ସେହି ଗୋଷ୍ଠୀର ନିଷ୍ଠାପରତା ଓ ବିଶ୍ୱାସ ମଧ୍ୟ ସାହାବାମାନଙ୍କର ନିଷ୍ଠାପରତା ଓ ବିଶ୍ୱାସ ପରି ଅଟଳ ହୋଇଯିବ । ସଠିକ୍ ହଦିସରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ଉକ୍ତ ହଦିସ୍ ବର୍ଣ୍ଣନା କରିବା ସମୟରେ ହ. ସଲ୍‌ମାନ୍ ଫାର୍ସିଙ୍କ କାନ୍ଧରେ ନିଜର ପବିତ୍ର ହସ୍ତ ରଖି କହିଲେ, لَوْ كَانَ الْاِيْمَانُ مُعَلَّقًا بِالثُّرَيَّا لَنَالَهٗ رَجُلٌ مِّنْ فَارِسَ ସେହି ଯୁଗ ସମ୍ବନ୍ଧରେ କୁହାଗଲା ଯେ, ପବିତ୍ର କୁରଆନ୍ ଆକାଶକୁ ଉଠିଯିବ (ଅର୍ଥାତ ଲୋକମାନେ ପବିତ୍ର କୁରଆନ୍ ଉପରେ କାର୍ଯ୍ୟାନୁସରଣ କରିବେ ନାହିଁ)। ଅତଏବ୍ ଏହା ହେଉଛି ସେହି ଯୁଗ ଯେଉଁ ଯୁଗକୁ ମସିହ୍ ମଉଦ୍ ଯୁଗ ଭାବରେ ଅଭିହିତ କରାଯାଇଛି । ହ. ମସିହ୍ ମଉଦ୍ ଅ.ସ ହେଉଛନ୍ତି ସେହି ଫାର୍ସିଉଲ୍ ଅସଲ୍ (ଫାର୍ସି ବଂଶୋଦ୍ଭବ ବ୍ୟକ୍ତି) ଯାହାଙ୍କ ନାମ ମସିହ୍ ମଉଦ୍ (ପ୍ରତିଶୃତ ମସିହ୍)

ଅଟେ । କାରଣ ଖ୍ରୀଷ୍ଟିଆନମାନଙ୍କର ଆକ୍ରମଣ ଅର୍ଥାତ ବିଶ୍ୱାସ ଉପରେ ଯେଉଁ ଆକ୍ରମଣ ହୋଇଥିଲା ତାହାକୁ ପ୍ରତିହତ ତଥା ଭାଙ୍ଗିବା ନିମନ୍ତେ ଯେଉଁ ମସିହଙ୍କ ଆଗମନର ଆବଶ୍ୟକତା ଥିଲା ସେହି ମସିହ୍ ହେଉଛନ୍ତି ଆପଣ ଅ.ସ । ଏହି ସମସ୍ତ ଲକ୍ଷଣ ତଥା ନିଦର୍ଶନ ଶୁଳିର ଆକ୍ରମଣ ଯୁଗ ବୋଲି ବର୍ଣ୍ଣିତ ହୋଇଛି ଏବଂ ଉଲ୍ଲେଖ ରହିଛି ଯେ, ଉକ୍ତ ଆକ୍ରମଣ ଯୋଗୁଁ ଲୋକମାନଙ୍କ ବିଶ୍ୱାସରେ ବହୁତ ଗଭୀର ପ୍ରଭାବ ପଡ଼ିବ । ଏହା ହେଉଛି ସେହି ଆକ୍ରମଣ ଯାହାକୁ ଅନ୍ୟ ଶବ୍ଦରେ ବା ଅନ୍ୟ ଅର୍ଥରେ ଦଜ୍ଜାଲୀ (ମାୟାବୀ) ଆକ୍ରମଣ ବୋଲି କୁହନ୍ତି । ନିଦର୍ଶନରେ ଉଲ୍ଲେଖ ରହିଛି ଯେ, ସେହି ମାୟାବୀର ଆକ୍ରମଣ ସମୟରେ ଅନେକ ଅବୋଧ ବ୍ୟକ୍ତି ଏକେଶ୍ୱର ତଥା ସମକକ୍ଷତ୍ର ବିହୀନ ପ୍ରଭୁଙ୍କୁ ପରିତ୍ୟାଗ କରିଦେବେ ଏବଂ ଅନେକ ଲୋକମାନଙ୍କର ବିଶ୍ୱାସମୂଳକ ପ୍ରେମ କ୍ରମଶଃ ଶିଥିଳ ହୋଇ ପଡ଼ିବ। ବିଶ୍ୱାସମୂଳକ ସଂସ୍କାର ହିଁ ପ୍ରତିଶ୍ରୁତ ମସିହଙ୍କର ସବୁଠୁ ବଡ଼ କାର୍ଯ୍ୟ ହେବ । କାରଣ ଆକ୍ରମଣ ବିଶ୍ୱାସ ଉପରେ ହେବ ଓ ହଦିସ୍ لَوْ كَانَ الْاِيْمَانُରୁ ଫାର୍ସିଉଲ୍ ଅସଲ୍ (ମୂଳତଃ ପାରସ୍ୟ ବଂଶୋଦ୍ଭବ) ବ୍ୟକ୍ତି ବିଶ୍ୱାସକୁ ପୁନଃ ଧରାପୃଷ୍ଠରେ ସ୍ଥାପିତ କରିବା ନିମନ୍ତେ ଆସିବ । ଅତଃ ଯେଉଁ ଅବସ୍ଥାକୁ ଦେଖି ତେବେ ଏହା ଜ୍ଞାତ ହେବ ଯେ, ମସିହ୍ ମଉଦ୍ ଓ ଫାର୍ସିଉଲ୍ ଅସଲ୍ ତଥା ତା' ଜମାଅତ୍ ସପକ୍ଷରେ ଉକ୍ତ ଆୟତ୍ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْର ଅର୍ଥ ଏହିକି ଯେ, ସଂପୂର୍ଣ୍ଣ ମାର୍ଗଭ୍ରଷ୍ଟତା ତଥା ବିଭ୍ରାନ୍ତତା ପରେ ମାର୍ଗଦର୍ଶନ ଏବଂ ତତ୍ତ୍ୱଜ୍ଞାନ ପ୍ରାପ୍ତକର୍ତ୍ତା ଓ ଆଁହଜରତ ସ.ଅଙ୍କର ଚମତ୍କାର ତଥା କଲ୍ୟାଣରୁ ଅବଲୋକନକାରୀ କେବଳ ଦୁଇଟି ଗୋଷ୍ଠୀ ଅଟନ୍ତି । ଯଥା- **ପ୍ରଥମତଃ-1**ଆଁହଜରତ ସ.ଅଙ୍କ ସାହାବାଗଣ ଯେଉଁମାନେ ଆଁହଜରତ ସ.ଅଙ୍କ ପ୍ରାଦୁର୍ଭୂତ ହେବା ପୂର୍ବରୁ ଅତ୍ୟନ୍ତ ଅନ୍ଧକାରରେ ପିଡ଼ୀତ ଥିଲେ ଏବଂ ପରେ ଅଲ୍ଲାଃତାଲାଙ୍କ କୃପାରୁ ସେମାନେ ଅବତାରଙ୍କ ଯୁଗ ପ୍ରାପ୍ତ କଲେ ଓ ସ୍ୱଚକ୍ଷୁରୁ ଚମତ୍କାର ଅବଲୋକନ କଲେ । ସେମାନଙ୍କ ବିଶ୍ୱାସରେ ଏଭଳି ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି ହେଲା ଯେପରିକି ସେମାନଙ୍କ ଠାରେ କେବଳ ଆତ୍ମା ରହିଗଲା । **ଦ୍ୱିତୀୟତଃ-2-** ଦ୍ୱିତୀୟ ଗୋଷ୍ଠୀ ହେଉଛି ସେହି ଗୋଷ୍ଠୀ ଯିଏ ଉପରୋକ୍ତ ଆୟତ୍ ଅନୁଯାୟୀ ସାହାବାମାନଙ୍କ ପରି ଅଟନ୍ତି ଏବଂ ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କର ଗୋଷ୍ଠୀ ଅଟନ୍ତି । କାରଣ ଉକ୍ତ ଗୋଷ୍ଠୀ ମଧ୍ୟ ସହାବାମାନଙ୍କ ପରି ଆଁହଜରତ ସ.ଅଙ୍କର ଚମତ୍କାରକୁ ଅବଲୋକନକାରୀ ଅଟନ୍ତି ଓ ଅନ୍ଧକାର ପରେ ମାର୍ଗଦର୍ଶନ ପ୍ରାପ୍ତକାରୀ ଓ ଆୟତ୍ وَّاٰخَرِيْنَ مِنْهُمْରେ ଯାହାକି ଉକ୍ତ ଗୋଷ୍ଠୀକୁ مِنْهُمْର ଶବ୍ଦରୁ ଅର୍ଥାତ ସାହାବାମାନଙ୍କ ସହିତ ସମାଞ୍ଜସ୍ୟତା ହେତୁ ପୁରସ୍କାରରୁ ଏକ ଅଂଶ ପ୍ରଦାନ କରାଯାଇଛି । ଏହା ସେହି କଥା ଆଡ଼କୁ ଇଙ୍ଗିତ କରେ ଅର୍ଥାତ୍ ସାହାବାମାନେ ଯେପରି ଆଁହଜରତ ସ.ଅଙ୍କ ଠାରୁ ଚମତ୍କାର ଅବଲୋକନ କରିଥିଲେ ଓ ଭବିଷ୍ୟତବାଣୀ ଅବଲୋକୋନ କରିଥିଲେ ଠିକ୍ ସେହିପରି ଏହି ଶେଷ ଗୋଷ୍ଠୀ ମଧ୍ୟ ଚମତ୍କାର ତଥା ନିଦର୍ଶନ ଅବଲୋକନ କରିବେ । କିନ୍ତୁ ମଧ୍ୟବର୍ତ୍ତୀ ଯୁଗର ଲୋକମାନେ ଉକ୍ତ ପୁରସ୍କାରରୁ ସଂପୂର୍ଣ୍ଣ ରୂପେ ଅଂଶଟିଏ ମଧ୍ୟ ପ୍ରାପ୍ତ କରିପାରିବେ ନାହିଁ । ଅତଃ ଆଜିକାଲି ଏହିପରି ହିଁ ହେଲା ଯେ, 1300 ବର୍ଷ ପରେ ପୁନଶ୍ଚ ଆଁହଜରତ ସ.ଅଙ୍କ ଚମତ୍କାରର ଦ୍ୱାର ଉନ୍ମୁକ୍ତ ହୋଇଯାଇଛି ଓ ଲୋକମାନେ ସ୍ୱଚକ୍ଷୁରେ ଏହା ଅବଲୋକନ କରିନେଲେ ଯେ, କୁସୁଫ୍ ଖୁସୁଫ୍ ହଦିସ୍ ଦାରୁ କୁତ୍ନୀ ଓ ଫତାୱା ଇବ୍ନେ ହଜରଙ୍କ ଅନୁଯାୟୀ ରମ୍ଜାନ୍ ମାସରେ ପ୍ରାଦୁର୍ଭୂତ ହୋଇଗଲା । ଅର୍ଥାତ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ରମ୍ଜାନ୍ ମାସରେ ହିଁ ସଂଘଟିତ ହୋଇଥିଲା । ଅର୍ଥାତ ହଦିସ୍‌ର ଯେଉଁ ବିଷୟ ବସ୍ତୁବର୍ଣ୍ଣିତ ହୋଇଥିଲା ତଦନୁଯାୟୀ । ଠିକ୍ ସେହିପରି ଚନ୍ଦ୍ର ଗ୍ରହଣ ନିଜ ଗ୍ରହଣ ରାତ୍ର ମଧ୍ୟରୁ ପ୍ରଥମ ରାତ୍ରରେ ଓ ସୂର୍ଯ୍ୟ ପରାଗ ନିଜ ଦିନମାନଙ୍କ ମଧ୍ୟରୁ ମଧ୍ୟବର୍ତ୍ତୀ ଦିନରେ ସଂଘଟିତ ହେଲା । ଏହିପରି ସମୟରେ ଯେତେବେଳେ ମେହେଦୀ ହେବାର ଦାବୀ କରୁଥିବା ବ୍ୟକ୍ତି ଉପସ୍ଥିତ ଥିଲା ଓ ଯେବେଠାରୁ ଆକାଶ ଓ ପାତାଳ ସୃଷ୍ଟି ହୋଇଛି ସେବାଠାରୁ ଉକ୍ତ ମହାଜାଗତିକ ନିଦର୍ଶନ ଆଦୌ ଦେଖିବାକୁ ମିଳି ନାହିଁ କି କୌଣସି ବ୍ୟକ୍ତି ଇତିହାସରୁ ଏହାର ଦୃଷ୍ଟାନ୍ତ ଆଣି ସାବ୍ୟସ୍ତ କରିପାରି ନାହିଁ। ଅର୍ଥାତ ଇତିହାସରେ କୌଣସି ବ୍ୟକ୍ତି ଏହା ସାବ୍ୟସ୍ତ କରିପାରିବ ନାହିଁ ଯେ, ଏହିଭଳି ମହାଜାଗତିକ ଦୃଶ୍ୟ ଦାବିକାରୀ ବ୍ୟକ୍ତି ସମୟରେ ହିଁ ଘଟିବ । ସୁତରାଂ ଏହା ଆଁଜରତ ସ.ଅଙ୍କର ହିଁ ଚମତ୍କାର ଥିଲା ଯାହାକୁ ଲୋକମାନେ ସ୍ୱଚକ୍ଷୁରେ ଅବଲୋକନ କଲେ । ପୁନଶ୍ଚ ମେହଦୀ ଓ ମସିହଙ୍କ ସମୟରେ ذُو السِّنِيْنِ ତାରକା ଦୃଶ୍ୟମାନ ହେବ ବୋଲି ବର୍ଣ୍ଣିତ ହୋଇଥିଲା । ଉକ୍ତ ଦୃଶ୍ୟକୁ ହଜାର ହଜାର ସଂଖ୍ୟକ ଲୋକମାନେ ଏହିଭଳି ଲାଞ୍ଜୀ ତାରକାକୁ ସ୍ୱଚକ୍ଷୁରୁ ଅବଲୋକନ କରି ନେଇଥିଲେ । ଠିକ୍ ସେହିପରି ଜାଭା ଦ୍ୱୀପର ଜ୍ୱାଳାମୁଖୀକୁ ମଧ୍ୟ ଲକ୍ଷାଧିକ ଲୋକମାନେ ଅବଲୋକନ କଲେ । ସେହିପରି ପ୍ଲେଗ୍ ରୋଗ ବ୍ୟାପୀବା ଓ ହଜ୍ ତୀର୍ଥ କରିବାରୁ ଅଟକିଯିବା ମଧ୍ୟ ସମସ୍ତେ ସ୍ୱଚକ୍ଷୁରେ ଅବଲୋକନ କରିନେଲେ । ଦେଶରେ ରେଳ ଚଳାଚଳ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେବା, ଓଟ ପରିତ୍ୟକ୍ତ ହେବା ଆଦି ସମସ୍ତ ଚମତ୍କାର ଆଁହଜରତ ସ.ଅଙ୍କର ଚମତ୍କାର ଥିଲା । ଏହି ନିଦର୍ଶନ ଓ ଚମତ୍କାରଗୁଡ଼ିକ ସାଂପ୍ରତିକ କାଳରେ ଏହିପରି ଅବଲୋକନ କରାଯାଇଥିଲା ଯେପରି ସାହାବା ର.ଅ ଆଁହଜରତ ସ.ଅଙ୍କର ଚମତ୍କାରକୁ ଅବଲୋକନ କରିଥିଲେ। ସେହି କାରଣରୁ ଅଲ୍ଲାଃତାଲା ସେହି ଶେଷ ସଂପ୍ରଦାୟ ବା ଗୋଷ୍ଠୀକୁ مِنْهُمْ ଶବ୍ଦ ଦ୍ୱାରା ଆଖ୍ୟାୟିତ କଲେ । କାରଣ ଏହା ଇଙ୍ଗିତ କରୁ ଯେ, ଚମତ୍କାର ପ୍ରଦର୍ଶନରେ ସେହି ଶେଷ ଗୋଷ୍ଠୀ ମଧ୍ୟ ସାହାବାମାନଙ୍କ ସ୍ୱରୂପ ଅଟନ୍ତି । ଥରେ ଚିନ୍ତା କରି ଦେଖ ଯେ, 13000 ବର୍ଷ ମଧ୍ୟରେ ଏହିଭଳି ଅବତାରତ୍ୱର ଯୁଗ ଅନ୍ୟ କୌଣସି ଗୋଷ୍ଠୀ ବା ବ୍ୟକ୍ତି ପ୍ରାପ୍ତ କରିଛି କି ? ସେହି ଯୁଗରେ ଯହିଁରେ ଆମ ଜମାଅତ୍ ସୃଷ୍ଟି ହୋଇଛି ତାହା ଅନେକ କାରଣରୁ ଉକ୍ତ ସାହାବା ର.ଅଙ୍କ ସହିତ ସମାଞ୍ଜସ୍ୟତା ରହିଛି । ସେମାନେ ସେହି ଚମତ୍କାର ଓ ନିଦର୍ଶନକୁ ଅବଲୋକନ କରନ୍ତି ଏବଂ ଆଜି ମଧ୍ୟ ଅବଲୋକନ କରନ୍ତି ଯେପରି ସାହାବାମାନେ ଅବଲୋକନ କରିଥିଲେ। ସେମାନେ ଈଶ୍ୱରଙ୍କ ନିଦର୍ଶନଗୁଡ଼ିକୁ ଓ ସଦ୍ୟତମ ସମର୍ଥନ ମାଧ୍ୟମରେ ଆଲୋକ ଓ ବିଶ୍ୱାସ ପ୍ରାପ୍ତ କରିଥାନ୍ତି । ଯେପରିକି ସାହାବାମାନେ ପ୍ରାପ୍ତ କରିଥିଲେ । ସାହାବାମାନେ ଯେପରି ପ୍ରଭୁଙ୍କ ମାର୍ଗରେ ଲୋକମାନଙ୍କ ଦ୍ୱାରା ଉପହାସ, ବ୍ୟଙ୍ଗ ବିଦ୍ରୁପ ଓ ନାନା ହୃଦୟକୁ କଷ୍ଟ ଦେଉଥିବା କଥା, ଅପଶବ୍ଦ ଓ ନିର୍ଦ୍ଦୟତା ଆଦିର ଆଘାତ ସହ୍ୟ କରିଥିଲେ ଠିକ୍ ସେହିପରି ଏହି ଶେଷ ଗୋଷ୍ଠୀ ଅର୍ଥାତ ମସିହ୍ ମଉଦ୍ ଅ.ସଙ୍କ ଗୋଷ୍ଠୀଙ୍କୁ ମଧ୍ୟ ସହ୍ୟ କରିବାକୁ ପଡୁଛି । ଆଜି ମଧ୍ୟ ସମାନ ପରିସ୍ଥିତି ରହିଛି । ସେହି ଶେଷ ଗୋଷ୍ଠୀ ଈଶ୍ୱରଙ୍କର ଶେଷ ନିଦର୍ଶନ ଓ ଆକାଶୀୟ ସାହାଯ୍ୟ ଏବଂ ତତ୍ତ୍ୱଜ୍ଞାନମୂଳକ ଶିକ୍ଷାରୁ ପବିତ୍ର ଜୀବନ ପ୍ରାପ୍ତ କରୁଛନ୍ତି । ଯେପରିକି ସାହାବାମାନେ ପ୍ରାପ୍ତ କରିଥିଲେ । ଏପରି ଅସଂଖ୍ୟ ନିଦର୍ଶନ ଓ ଉଦାହରଣ ରହିଛି । ଯେପରି ସାହାବାମାନେ ନମାଜ୍ ଓ ସିଜ୍‌ଦାରେ କାନ୍ଦି କାନ୍ଦି ନିଜର ସିଜ୍‌ଦା ସ୍ଥଳୀକୁ ଲୁହରେ ଭିଜାଇ ଦେଉଥିଲେ ଠିକ୍ ସେହିପରି ଆମମାନଙ୍କ ମଧ୍ୟରୁ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ନମାଜ୍‌ରେ ଓ ସିଜ୍‌ଦା ସ୍ଥଳୀରେ ଅଶ୍ରୁ ଝରାନ୍ତି ଏବଂ ନିଜର ଲୁହ ଦ୍ୱାରା ସିଜ୍‌ଦା ସ୍ଥଳୀକୁ ଭିଜାଇ ଦିଅନ୍ତି । ସାହାବାମାନଙ୍କ ମଧ୍ୟରୁ ଏପରି ଅନେକ ବ୍ୟକ୍ତି ରହିଥିଲେ ଯେଉଁମାନେ ଐଶୀବାଣୀ ଦ୍ୱାରା ସମ୍ମାନିତ ହୋଇଥିଲେ । ଠିକ୍ ସେହିପରି ଆମମାନଙ୍କ ମଧ୍ୟରୁ ଅନେକ ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଥାଏ ଏବଂ ସେମାନେ ଏହି ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି । ଯେପରି ସାହାବାମାନେ ନିଜର କଷ୍ଟ ଅର୍ଜିତ ଧନକୁ ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ବ୍ୟୟ କରିଦେଉଥିଲେ ଠିକ୍ ଆମ ଜମାଅତ୍‌ର ଲୋକମାନେ ମଧ୍ୟ ନିଜର କଷ୍ଟ ଅର୍ଜିତ ଧନକୁ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ବ୍ୟୟ କରିଦେଇଥାଆନ୍ତି । ଯେପରି ସାହାବାମାନଙ୍କର ଜୀବନୀ ଥିଲା ଠିକ୍ ସେହିପିରି ଜମାଅତ୍‌ର ଲୋକମାନଙ୍କ ମଧ୍ୟରୁ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ ମୃତ୍ୟୁକୁ ସର୍ବଦା ସ୍ମରଣ ରଖନ୍ତି ଏବଂ ହୃଦୟକୁ କୋମଳ ରଖି ପ୍ରକୃତ ଧର୍ମପରାୟଣତା ମାର୍ଗରେ ଅଗ୍ରସର ହୁଅନ୍ତି । ଜମାଅତ୍ ଅହେମଦିୟା ହିଁ ସେହି ଈଶ୍ୱରଙ୍କ ଗୋଷ୍ଠୀ ଯାହାକୁ ଅଲ୍ଲାଃତାଲା ସମ୍ଭାଳୁଛନ୍ତି ଓ ଜମାଅତ୍ ଅହେମଦିୟାର ଲୋକମାନଙ୍କର ହୃଦୟକୁ ଦିନକୁ ଦିନ ପବିତ୍ର କରୁଛନ୍ତି, ଆମମାନଙ୍କର ହୃଦୟକୁ ବିଶ୍ୱାସର ତତ୍ତ୍ୱଜ୍ଞାନ ଦ୍ୱାରା ପୂର୍ଣ୍ଣ କରୁଛନ୍ତି, ଆକାଶୀୟ ନିଦର୍ଶନ ମାଧ୍ୟମରେ ସେମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରୁଛନ୍ତି ଯେପରି ସାହାବାମାନଙ୍କୁ ଅଲ୍ଲାଃତାଲା ଆକର୍ଷିତ କରିଥିଲେ । ସୁତରାଂ ଉକ୍ତ ଜମାଅତ୍‌ରେ ସେହି ସମସ୍ତ ନିଦର୍ଶନ ଦେଖିବାକୁ ମିଳେ ଯାହା وَّاٰخَرِيْنَ مِنْهُمْ ଶବ୍ଦରୁ ପ୍ରତିଭାତ


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)



### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହେଉଅଛି । ତେଣୁ ପ୍ରଭୁଙ୍କ କଥନ ଦିନେ ନା ଦିନେ ସତ୍ୟ ହୋଇଥାଆନ୍ତା । !!!"

آخَرِيْنَ مِنْهُمْ ରେ ଏହା ମଧ୍ୟ ଇଙ୍ଗିତ ରିହଛି ଯେ, ଯେପରି ଜମାଅତ୍ ଅହେମଦିୟା ସାହାବାମାନଙ୍କ ସହିତ ସାମଞ୍ଜସ୍ୟତା ରଖିଥାଏ ଠିକ୍ ସେହିପରି ସେହି ବ୍ୟକ୍ତି ଯେକି ଉକ୍ତ ଜମାଅତ୍ର ଧର୍ମାଧ୍ୟକ୍ଷ ସେ ମଧ୍ୟ ଆଁହଜରତ ସ.ଅଙ୍କ ସହିତ ସାମଞ୍ଜସ୍ୟତା ରଖନ୍ତି । ଯେପରିକି ଆଁହଜରତ ସ.ଅ ସ୍ୱୟଂ ପ୍ରତିଶୃତ ମେହ୍‌ଦୀର ବିଶେଷତା ସଂପର୍କରେ ଏହା ବର୍ଣ୍ଣନା କରିଥିଲେ ଯେ, ସେ ଆଁହଜରତ ସ.ଅଙ୍କ ସହିତ ସାମଞ୍ଜସ୍ୟତା ରଖିବ । ଅର୍ଥାତ ପ୍ରତିଶୃତ ମସିହ୍‌ଙ୍କ ଅସ୍ତିତ୍ୱରେ ଆଁହଜରତ ସ.ଅଙ୍କ ସହିତ ଦୁଇଟି ସାମଞ୍ଜସ୍ୟତା ଦୃଶ୍ୟମାନ ହେବ ଯଥା- **୧-** ଆଁହଜରତ ସ.ଅଙ୍କ ସହିତ ସାଦୃଶ୍ୟତା ଏବଂ ସାମଞ୍ଜସ୍ୟତା ହେତୁ ସେ ମସିହ୍ ମଉଦ୍ ରୂପେ ଆଖ୍ୟାୟିତ ହେବ । ୨- ଆଁହଜରତ ସ.ଅଙ୍କ ସହିତ ସାମଞ୍ଜସ୍ୟତା ହେତୁ ସେ ମେହ୍‌ଦୀ (ମାର୍ଗଦର୍ଶକ ବ୍ୟକ୍ତି) ରୂପେ ବିବେଚିତ ହେବ । ଉକ୍ତ ମର୍ମ ତଥା ରହସ୍ୟ ଆଡ଼କୁ ଇଙ୍ଗିତ କରିବା ନିମନ୍ତେ ଉଲ୍ଲେଖ ରହିଛି ଯେ, ମସିହ୍‌ର ଶରୀର ଗୋଟିଏ ଭାଗ ଇସ୍ରାଇଲୀୟ ବେଶଭୂଷା, ଢଙ୍ଗଢାଙ୍ଗ ହେବା ଓ ଶରୀରର ଦ୍ୱିତୀୟ ଭାଗ ଆରବିକ ବେଶଭୂଷା ହେବ । ଅତଃ ହ. ମସିହ୍ ମଉଦ୍ ଅ.ସ ଏଭଳି ସମୟରେ ଆସିଥିଲେ ବା ଆବିର୍ଭୂତ ହୋଇଥିଲେ ଯେତେବେଳେ ଇହୁଦୀ ଧର୍ମ ୟୁନାନୀୟ ଶାସକଙ୍କ ଆକ୍ରମଣ ଯୋଗୁଁ ଭୟଙ୍କର ଅବସ୍ଥା ଦେଇ ଗତି କରୁଥିଲା ଏବଂ ତୌରାତ୍‌ର ଶିକ୍ଷା, ଭବିଷ୍ୟତବାଣୀ ଓ ଚମତ୍କାର ଉପରେ ଘନ ଘନ ଆକ୍ରମଣ କରାଯାଉଥିଲା ଓ ୟୁନାନୀୟ ଚିନ୍ତାଧାରା ଅନୁଯାୟୀ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱକୁ ମଧ୍ୟ ଏପରି ମନେକରା ଯାଉଥିଲା ଯେପରି ସେ କେବଳ ଜଣେ ପ୍ରାଣୀଙ୍କ ମଧ୍ୟରେ ଲୀନ ହୋଇଯାଇଛନ୍ତି ଓ ସେ ନିଶ୍ଚିତ ରୂପେ ନିପୁଣ ରାଜନୀତିଜ୍ଞ ନୁହନ୍ତି । ଅର୍ଥାତ ସେ ସାଧାରଣ ପ୍ରାଣୀ ବା ଜୀବ ପରି ଅଟନ୍ତି ଏବଂ ସକଳ ଶକ୍ତିର ଅଧିକାରୀ ନୁହନ୍ତି। ସେ ପୂର୍ବପରି ଏପରି ନୁହନ୍ତି ଯେ, ସେ ଯାହା ଚାହିଁବେ ତାହା କରିଦେବେ। ସେହି ସମୟରେ ଅବତାରମାନଙ୍କ ପ୍ରତି ଉପହାସ ପ୍ରଦର୍ଶନ କରାଯାଉଥିଲା । ଅତଃ ହ. ଇସା ଅ.ସଙ୍କୁ ପ୍ରେରଣ କରିବାର ଏହି ଯଥାର୍ଥତା ଥିଲା ଯେ, ହ. ଇସା ଅ.ସ ମୁସା ଅ.ସଙ୍କ ପରେ 1400 ବର୍ଷ ପରେ ଆସିଥିଲେ ତେଣୁ ପ୍ରଭୁ ଏହା ଚାହିଁଥିଲେ ଯେ, ହ. ମୁସା ଅ.ସଙ୍କ ଅବତାରତ୍ୱ ସଠିକତା ଓ ସତ୍ୟତାମୂଳକ ପରମ୍ପରାର ସଦ୍ୟତମ ସାକ୍ଷ୍ୟକୁ ସିଦ୍ଧ କରନ୍ତୁ ଓ ନୂତନ ସମର୍ଥନ ଓ ଆକାଶୀୟ ସାକ୍ଷ୍ୟ ମାଧ୍ୟମରେ ମୁସା ଅ.ସଙ୍କ ସଂପ୍ରଦାୟର ଭବନକୁ ପୁନଃ ମରାମତି କରାଇ ଦିଅନ୍ତୁ । ଠିକ୍ ସେହିପରି ଉକ୍ତ ଜାତି ଅର୍ଥାତ ଇସ୍‌ଲାମ୍ ଧର୍ମ ସକାଶେ ମସିହ୍ ମଉଦ୍ ଅ.ସଙ୍କୁ ମଧ୍ୟ ଚତୁର୍ଦ୍ଦଶ ଶତାବ୍ଦୀର ଶୀର୍ଷରେ ପ୍ରେରଣ କରାଗଲା । ତାହାଙ୍କୁ ପ୍ରେରଣ କରିବାର ଯଥାର୍ଥତା ଏହିକିଯେ, ଇଉରୋପୀୟ ଦର୍ଶନ ଓ ଇଉରୋପର ମାୟବୀୟ ପ୍ରବଞ୍ଚନା ଇସ୍‌ଲାମ୍ ଧର୍ମ ଉପରେ ନାନା ଆକ୍ରଣ କରିଥିଲା ଏବଂ ଆଁହଜରତ ସ.ଅଙ୍କ ଅବତାରତ୍ୱ ଓ ଭବିଷ୍ୟତବାଣୀ ତଥା ଚମତ୍କାରକୁ ପ୍ରତ୍ୟାଖ୍ୟାନ, କୁରଆନୀୟ ଶିକ୍ଷା ଉପରେ ଆପତ୍ତି କରିବା ଓ କଲ୍ୟାଣ ତଥା ଇସ୍‌ଲାମ୍ ଧର୍ମର ଆଲୋକକୁ ଅତ୍ୟନ୍ତ କ୍ରୂରତା ଭାବରେ ଉପହାସ ଦୃଷ୍ଟିରେ ଦେଖିବା ଇତ୍ୟାଦି । ଏହି ସମସ୍ତ ଆକ୍ରମଣକୁ ପ୍ରତିହତ ଓ ଧ୍ୱଂସ କରୁ, ଆଁହଜରତ ସ.ଅଙ୍କ ଅବତାରତ୍ୱ عَلٰی صَاحِبِهَا اَلْفُ الفِ سَلَام ଶତ ଶତ ପ୍ରଣାମ ହେଉ । ଏହାକୁ ସଦ୍ୟତମ ପୁଷ୍ଟି ଓ ସମର୍ଥନ ମାଧ୍ୟମରେ ସତ୍ୟାନ୍ୱେଷୀମାନଙ୍କ ଉପରେ ପରିପ୍ରକାଶିତ କରିଦେଉ। ଏହି ରହସ୍ୟ ରହିଛି ଯାହାକି ବରାହିନେ ଅହେମଦିୟାରେ ଆଜକୁ ପ୍ରାୟ 17 ବର୍ଷ ପୂର୍ବେ ତତ୍‌ସଂପର୍କରେ ଏକ ଐଶୀବାଣୀ ହୋଇଥିଲା । ସେହି ଐଶୀବାଣୀ ଅଲ୍ଲାଃତାଲା ଲକ୍ଷାଧିକ ମନୁଷ୍ୟ ମଧ୍ୟରେ ପ୍ରକାଶିତ ହୋଇଯାଇଛି । ତାହା ଏହିକି ଯେ,

"بخرام کہ وقتِ تو نزدیک رسید و پائے محمدیاں بر منار بلندتر محکم اُفتاد

ହ. ମସିହ୍ ମଉଦ୍ ଅ.ସ ଉକ୍ତ ଫାର୍ସି କବିତାର ଅତ୍ୟନ୍ତ ବିସ୍ତୃତର ସହିତ ଅନୁବାଦ କରିଛନ୍ତି ଏବଂ ତାହା ଏହିପରି ଯେ, "ହେ ମସିହ୍ ! ବର୍ତ୍ତମାନ ତୁ ପ୍ରକଟ ହୋ ଓ ଆବିର୍ଭୂତ ହୋଇଯା । କାରଣ ତୋ ସମୟ ନିକଟତର ହୋଇଯାଇଛି । ବର୍ତ୍ତମାନ ସେହି ସମୟଟି ଆସୁଅଛି ଯେ, ମୁହମ୍ମଦୀଙ୍କୁ (ମୁସଲମାନମାନଙ୍କୁ) ଗର୍ତ୍ତ ମଧ୍ୟରୁ କାଢି ନିଆଯିବ ।" ଅର୍ଥାତ ମୁସଲମାନମାନେ ଆଉ ଏକ ଉଚ୍ଚତର ଶିଖର ଓ ଦୃଢ ମିନାରା (ଉଚ୍ଚ ସ୍ତମ୍ଭ ବା ଗମ୍ବୁଜ)ଉପରେ ତାଙ୍କର ପାଦ ପଡ଼ିବ (ଅର୍ଥାତ ମିନାରା ନିକଟରେ ଅବତୀର୍ଣ୍ଣ ହେବେ) । **(ନୁଜୁଲୁଲ୍ ମସିହ୍‌ର ଐଶୀବାଣୀ, ରୁହାନୀ ଖଜାଏନ୍, ଭାଗ18-, ପୃ-511ର ଅନୁବାଦରୁ ଆନୀତ)**

ପୁନଶ୍ଚ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ଈଶ୍ୱରବାଣୀ ଅବତୀର୍ଣ୍ଣ କରି କୁହନ୍ତି: "پاک محمد نبیوں کا سردار۔ خد تیرے سب کام درست کردیگا اور تیری ساری مرادیں تجھے دیگا۔ رب الافواج اس طرف توجہ کریگا۔" ଉକ୍ତ ନିଦର୍ଶନର ଅଭିପ୍ରାୟ ଏହିକି ଯେ, ପବିତ୍ର କୁରାଆନ୍ କରୀମ୍ ଈଶ୍ୱରଙ୍କ ଗ୍ରନ୍ଥ ଓ ମୋ ଦ୍ୱାରା ମୁଖ ନିସୃତ ବାଣୀ......ତେଣୁ ତୁମେମାନେ ଖୁବ ଭଲ ଭାବରେ ବିଚାର କର ଯେ, ମୋ ନିଦର୍ଶନରୁ କ'ଣ ଅଭିପ୍ରାୟ ରହିଛି (ଏହି ଇଲହାମ୍‌ଗୁଡ଼ିକ ଅଲ୍ଲାଃତାଲା ଆପଣ ଅ.ସଙ୍କ ଉପରେ କରିଛନ୍ତି) ? ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ମୁଁ ବର୍ତ୍ତମାନ ବର୍ଣ୍ଣନା କରିସାରିଛି ଯେ, ଉକ୍ତ ଅଭିପ୍ରାୟ ସକାଶେ ହ. ଇସା ଅ.ସ ଆସିଥିଲେ । କାରଣ ମିଥ୍ୟାର ଅବସ୍ଥାରେ ନୂତନ ନିଦର୍ଶନ ସହିତ ତୌରାତ୍‌ର ପୁଷ୍ଟି କରନ୍ତୁ ଓ ଏହି ଆଡ଼କୁ ଇଲ୍‌ହାମ (ଦିବ୍ୟବାଣୀ)ରେ ଇଙ୍ଗିତ ରହିଛି ଯେ, پائے محمدیاں بر منار بلندتر محکم اُفتاد ଏବଂ ଏହି ଇଙ୍ଗିତ ଅନ୍ୟ ଦିବ୍ୟବାଣୀ ବରାହିନେ ଅହେମଦିୟାରେ ବର୍ଣ୍ଣିତ ହୋଇଛି । "اَلرَّحْمٰنُ عَلَّمَ الْقُرْاٰنَ۔ لِتُنْذِرَ قَوْمًا مَّآ اُنْذِرَ اٰبَآؤُهُمْ۔ وَلِتَسْتَبِيْنَ سَبِيْلُ الْمُجْرِمِيْنَ۔ قُلْ اِنِّيْٓ اُمِرْتُ وَاَنَا اَوَّلُ الْمُؤْمِنِيْنَ" ଅର୍ଥାତ ଅଶେଷ ଦୟାବାନ ପ୍ରଭୁ ତୋତେ ପବିତ୍ର କୁରଆନ୍ ଶିଖାଇଲେ । କାରଣ ତୁମେ ସେହି ଲୋକମାନଙ୍କୁ ଭୟଭୀତ କରାଅ ଯେଉଁମାନଙ୍କର ପିତୃ ପିତାମହଙ୍କୁ ଭୟଭୀତ କରାଯାଇ ନଥିଲା। କାରଣ ଦୋଷୀମାନଙ୍କର ମାର୍ଗ ଉନ୍ମୁକ୍ତ ହୋଇଯାଉ । ତହୁଁରୁ ଏହା ଯଥାର୍ଥ ଯେ, ଦୋଷୀମାନଙ୍କ ଉପରେ ପ୍ରମାଣ ସିଦ୍ଧ ହୋଇଯାଉ । ଅଲ୍ଲାଃତାଲା କୁହନ୍ତି: ତୁମ୍ଭେ କହିଦିଅ କି ମୁଁ ଈଶ୍ୱରଙ୍କ ତରଫରୁ ନିଯୁକ୍ତ ହୋଇଅଛି ଏବଂ ମୁଁ ସର୍ବପ୍ରଥମ ବିଶ୍ୱାସ ଆଣିଥିବା ବ୍ୟକ୍ତି ଅଟେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯଦି କୌଣସି ବ୍ୟକ୍ତି ଏହା କୁହେ ଯେ, ହ. ଇସା ଅ.ସ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହୋଇ ତୌରାତ୍‌ର ପୁଷ୍ଟି ନିମନ୍ତେ ଆସିଥିଲେ । ତେଣୁ ତୋରାତ୍ ବିପକ୍ଷରେ ତୁମ ସାକ୍ଷ୍ୟର କୌଣସି ମୂଲ୍ୟ ଏବଂ ପ୍ରୟୋଜନୀୟତା ନାହିଁ । ସେ ତ' ଅଲ୍ଲାଃତାଲାଙ୍କର ଅବାତାର ଥିଲେ । ଅଲ୍ଲାଃତାଲା ତାଙ୍କୁ ଅବତାର ରୂପେ ପ୍ରେରଣ କରିଥିଲେ ଏବଂ ସେ ତୌରାତ୍‌ର ପୁଷ୍ଟି ନିମନ୍ତେ ଆସିଥିଲେ । ତୁମେ କିପରି ଓ କେଉଁ ହିସାବରେ ପବିତ୍ର କୁରଆନ୍ କରୀମ୍‌ର ସାକ୍ଷ୍ୟ ନିମନ୍ତେ ଆସିଅଛ ।" ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏଠାରେ ମଧ୍ୟ ନୂତନ ପୁଷ୍ଟି ନିମନ୍ତେ କୌଣସି ଅବତାରଙ୍କ ଆଗମନ ଲୋଡ଼ା ଥିଲା ।" ଲୋକମାନେ ଏହା କୁହନ୍ତି ଯେ, ସାକ୍ଷ୍ୟ କ'ଣ ଲୋଡ଼ା ବା ଆଶା ରଖେ ? ଏଠାରେ ମଧ୍ୟ ନୂତନ ପୁଷ୍ଟି ନିମନ୍ତେ କୌଣସି ଅବତାର ହିଁ ଲୋଡ଼ା ଅଟନ୍ତି । ତେଣୁ ଏହାର ଉତ୍ତର ଏହିକି ଯେ, ଇସ୍‌ଲାମ୍ ଧର୍ମରେ ଏହି ପ୍ରକାରର ଅବତାରତ୍ୱର ଦ୍ୱାର ତ' ରୁଦ୍ଧ (ବନ୍ଦ୍) ରହିଛି ଯାହାକି ନିଜର ପ୍ରତିପତିତ୍ୱତା ସ୍ଥାପନ କରିଥାଏ । ଅର୍ଥାତ ସ୍ୱାଧୀନ ଓ ନୂତନ ଧର୍ମବିଧାନ ସହିତ ଆସିବାକୁ ଥିବା ଅବତାରତ୍ୱ ।

ହ. ମସିହ୍ ମଉଦ୍ ୍.ସ କୁହନ୍ତି: "وَلٰكِنْ رَّسُوْلَ اللّٰهِ وَخَاتَمَ النَّبِيّٖنَ **(ଅଲ୍ ଅହଜାବ୍:41)** ଓ ହଦିସ୍‌ରେ لَا نَبِيَّ بَعْدِيْ ଏତଦ୍‌ଭିନ୍ନ ହ. ମସିହ୍ ଅ.ସଙ୍କ ବିୟୋଗ ଦୃଢ ଧର୍ମବିଧାନରୁ (ପବିତ୍ର କୁର୍‌ଆନରୁ) ସିଦ୍ଧ ହୋଇଯାଇଛି । ସୁତରାଂ ହ. ଇସା ଅ.ସଙ୍କର ଏହି ମର୍ତ୍ତ୍ୟଧାମକୁ ପୁନଃ ଆସିବାର ଆଶା ଓ ଅଭିଳାଷା ବୃଥା ଅଟେ। ପବିତ୍ର କୁରଆନ୍ କହୁଛି, ହଦିସ୍ ମଧ୍ୟ କହୁଛି ଓ ଏହା ପ୍ରମାଣିତ ହୋଇଯାଇଛି ଯେ, ଏକଥା ସଂପୂର୍ଣ୍ଣ ରୂପେ ଭୁଲ ଅଟେ ତଥା ଭୁଲ ବା ବୃଥା ଆଶା ଯେ, କୌଣସି ମସିହ୍ ଆସିବ । ଆପଣ ଅ.ସ କୁହନ୍ତି ଯଦି କୌଣସି ପୁରୁଣା ଓ ନୂତନ ନବୀ (ଅବତାର) ଆସନ୍ତି ତେବେ ଆମର ନବୀ ହ. ମୁହମ୍ମଦ ସ.ଅ କିପରି ଖାତମୁଲ୍ ଅମ୍ବିୟା ହୋଇ ରହିବେ । ଅର୍ଥାତ ଆପଣ ସ.ଅ ଖତ୍‌ମେ ନବୁୱତରୁ ବାହାରି ଆସିଲେ । ହଁ ଏଶୀବାଣୀ, ଦିବ୍ୟବାଣୀ, ଐଶୀ କଥୋପକଥନର ଦ୍ୱାର ବନ୍ଦ ହୋଇ ନାହିଁ । ତହୁଁରୁ କେବଳ ଏହା ଯଥାର୍ଥ ଯେ, ଯଦି ନୂତନ ନିଦର୍ଶନ ସହିତ ସତ୍ୟଧର୍ମର ପୁଷ୍ଟି କରାଯାଏ ଓ ସତ୍ୟଧର୍ମ ସପକ୍ଷରେ ସାକ୍ଷ୍ୟ ପ୍ରଦାନ କରାଯାଏ ତେବେ ଯେଉଁ ନିଦର୍ଶଗୁଡ଼ିକ ଅଲ୍ଲାଃତାଲାଙ୍କର ଅଟେ ସେ ପଛେ ନବୀ (ଅବତାର)ଙ୍କ ଦ୍ୱାରା ପ୍ରଦର୍ଶିତ ହେଉ ଅବା ସନ୍ଥଙ୍କ ଦ୍ୱାରା ପ୍ରକାଶିତ ହେଉ ସେହି ସମସ୍ତ ନିଦର୍ଶନ ଏକାପରି ଅଟନ୍ତି । କାରଣ ପ୍ରେରଣକାରୀ କେବଳ ଜଣେ ଅଟନ୍ତି । ଏହିପରି

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଚିନ୍ତା କରିବା ସଂପୂର୍ଣ୍ଣ ରୂପେ ମୂର୍ଖାମୀ ଓ ଅଶିକ୍ଷତତା ଅଟେ । କାରଣ ଈଶ୍ୱର ଯଦି ଅବତାରଙ୍କ ହସ୍ତ ଦ୍ୱାରା ଓ ଅବତାରଙ୍କ ମାଧ୍ୟମରେ କୌଣସି ଆକାଶୀୟ ସମର୍ଥନ କରନ୍ତି ତେବେ ସେ ଶକ୍ତି ଓ ପ୍ରସିଦ୍ଧି, ସମ୍ମାନରେ ଅଧିକ ଶକ୍ତିଶାଳୀ ଅଟନ୍ତି । ଯଦି ସନ୍ଥର ପରିଚୟ ପାଇଁ ସେହିସବୁ ସମର୍ଥନ, ଶକ୍ତି ଓ ସମ୍ମାନ ଯଦି ସ୍ୱଳ୍ପ ଅଟେ । ତାହା ନୁହେଁ ବରଂ କେତେକ ନିଦର୍ଶନ ତ' ଇସଲାମ୍ ଧର୍ମର ସମର୍ଥନରେ ଏପରି ପ୍ରକାଶିତ ହୋଇଥାଆନ୍ତି ଯେ, ନା ସେତେବେଳେ କୌଣସି ଅବତାର ଥାଆନ୍ତି ଓ ନା ହିଁ ସେତେବେଳେ କୌଣସି ସନ୍ଥ । ଯେପରିକି ଅସ୍‌ହାବୁଲ୍ ଫିଲ୍‌କୁ ଧ୍ୱଂସ କରିବାର ନିଦର୍ଶନ ପ୍ରକାଶିତ ହୋଇଥିଲା ।"

ଆପଣ ଅ.ସ କୁହନ୍ତି: "ଏକଥା ସିଦ୍ଧ" ଏହା ସେହି କଥାର ଉତ୍ତର ଯେ, ତୁମେମାନେ କହୁଛ ଯେ, ମୁଁ ନବୀ (ଅବତାର) ନାହିଁ । ତେବେ ତୁମ ଦୃଷ୍ଟିରେ ନବୀ ହୋଇ ନପାରନ୍ତି । ଯଦି ନବୀ ନହୁଅନ୍ତି ତେବେ ସନ୍ଥ ମାଧ୍ୟମରେ ଈଶ୍ୱରଙ୍କ ନିଦର୍ଶନ ପ୍ରକାଶିତ ହୋଇଥାଏ । ଅନ୍ତତଃ ଏତିକି ତୁମେମାନେ ସ୍ୱୀକାର କରିନିଅ ଯେ, ଯଦି କୌଣସି ସନ୍ଥ ସଂସାରରେ ନହୁଅନ୍ତି ତଥାପି ଅଲ୍ଲାଃତାଲା ନିଜର ନିଦର୍ଶନ ପ୍ରଦର୍ଶନ କରିଥାଆନ୍ତି । ଯେପରି ଅଲ୍ଲାଃତାଲା ଅସହାବାଲୁ ଫିଲ୍‌ଙ୍କୁ ନିଜର ନିଦର୍ଶନ ଅବଲୋକନ କରାଇଥିଲେ । ଆପଣ ଅ.ସ କୁହନ୍ତି: "ସନ୍ଥର ଚମତ୍କାର ଅବତାରଙ୍କ ଅନୁକରଣର ଚମତ୍କାର ଅଟେ । ସନ୍ଥ ଯେଉଁ ଅବତାରଙ୍କ ଅନୁକରଣ ତଥା ଆଜ୍ଞା ପାଳନ କରିଥାଏ ତାହା ସେହି ଅବତାରଙ୍କର ହିଁ ଚମତ୍କାର ଅଟେ ।" ସୁତରାଂ ଯଦି ସନ୍ଥର ଚମତ୍କାର ଚମତ୍କାର ହୁଏ ତେବେ ଚମତ୍କାର ମଧ୍ୟରେ ପାର୍ଥକ୍ୟ କରିବା ବିଶ୍ୱାସକାରୀଙ୍କର କାର୍ଯ୍ୟ ନୁହେଁ । ଏତଦ୍‌ଭିନ୍ନ ହଦିସରୁ ଏହା ପ୍ରମାଣିତ ଯେ, ମୁହଦ୍ଦିସ୍ (ହଦିସ୍‌ର ବିଦ୍ୱାନ୍) ମଧ୍ୟ ଅବତାର ତଥା ବାର୍ତ୍ତାବହଙ୍କ ପରି ପ୍ରଭୁଙ୍କ ଅବତାରମାନଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ ଓ ପ୍ରବିଷ୍ଟ ଅଟେ । ଏତଦ୍‌ଭିନ୍ନ ଏହି ପ୍ରମାଣ ମଧ୍ୟ ରହିଛି ଯେ, ମୁହଦ୍ଦିସ୍ ମଧ୍ୟ ଅବତାର ଓ ବାର୍ତ୍ତାବହଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ ତେବେ ବୁଖାରୀରେ وَمَا اَرْسَلْنَا مِنْ رَسُوْلٍ وَّلَا نَبِيٍّ وَ لَا مُحَدَّثٍ କିରଅତ୍‌କୁ ଧ୍ୟାନପୂର୍ବକ ପାଠ କର । ସେହିପରି ଅନ୍ୟ ଏକ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, عُلَمَاءُ اُمَّتِيْ كَاَنْبِيَاءِ بَنِيْ اِسْرَائِيْلَ । ହ. ମସିହ୍ ଅ.ସ କୁହନ୍ତି: "ସନ୍ଥମାନେ ନିଜର ଦିବ୍ୟ ଦୃଷ୍ଟିମୂଳକ ଜ୍ଞାନ ଦ୍ୱାରା ମଧ୍ୟ ଉକ୍ତ ହଦିସ୍ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ସଂଶୋଧନ କରାଇଛନ୍ତି । ଅର୍ଥାତ ଆଁହଜରତ ସ.ଅଙ୍କ ଠାରୁ ତତ୍‌ସଂକ୍ରାନ୍ତରେ ପୁଷ୍ଟି କରାଇଛନ୍ତି । ଏକଥା ସ୍ମରଣ ରହୁ କି ମୁସଲିମ୍‌ରେ (ହଦିସ୍‌ର ଅନ୍ୟ ଏକ ପୁସ୍ତକ ସହି ମୁସ୍‌ଲିମ୍) ମସିହ୍ ମଉଦ୍‌ଙ୍କ ସପକ୍ଷରେ ନବୀ (ଅବତାର) ଶବ୍ଦ ମଧ୍ୟ ପ୍ରୟୋଗ ହୋଇଛି । ଆଉ ତୁମେମାନେ କହୁଛ ଯେ, ସେ ନବୀ ନୁହେଁ । ତେଣୁ ଏକଥାକୁ ତୁମେମାନେ ଭଲ ଭାବରେ ମନେରଖ । ଅର୍ଥାତ **ପ୍ରଥମତଃ** ୱଲି (ସନ୍ଥ) ଙ୍କ ପ୍ରମାଣ ପ୍ରଦାନ କଲେ ଓ **ଦ୍ୱିତୀୟତଃ** ଏହା ଯେ, ମସିହ୍ ମଉଦ୍‌ଙ୍କ ସପକ୍ଷରେ ହଦିସ୍‌ରେ ନବୀ ଶବ୍ଦଟି ବ୍ୟବହୃତ ହୋଇଛି । ଅର୍ଥାତ ଭୌତିକ ବା ଲକ୍ଷଣାର୍ଥରେ ଓ ରୂପକ ଅର୍ଥରେ । ଏହି କାରଣରୁ ବାରେହିନେ ଅହେମଦିଆରେ ମଧ୍ୟ ଏହିପରି ଶବ୍ଦାବଳୀ ଅଲ୍ଲାଃତାଲାଙ୍କ ପକ୍ଷରୁ ମୋ (ହ. ମସିହ୍ ମଉଦ୍ ଅ.ସଙ୍କ) ସପକ୍ଷରେ ବର୍ଣ୍ଣିତ ହୋଇଛି.....ସେହି ଐଶୀବାଣୀ ହେଉଛି- هُوَ الَّذِيْٓ اَرْسَلَ رَسُوْلَهٗ بِالْهُدٰى ଏଠାରେ ରସୁଲରୁ ଯଥାର୍ଥ ଏହି ବିନୀତ ଅଟେ ।" ଅର୍ଥାତ ହ. ମସିହ୍ ମଉଦ୍ ଅ.ସ । ହୁଜୁର ଅ.ସ କୁହନ୍ତି: ପୁନଶ୍ଚ ଦେଖ ଯେ, ବରାହିନେ ଅହେମଦିୟରେ ଉକ୍ତ ଐଶୀବାଣୀ جَرِيُّ اللّٰهِ فِيْ حُلَلِ الْاَنْبِيَاءِ ଏହାର ଅନୁବାଦ ଏହିପରି ଯେ, ପ୍ରଭୁଙ୍କ ବାର୍ତ୍ତାବହ ଅବତାରମାନଙ୍କ ବେଶରେ । ଆଉ ତୁମେମାନେ କହୁଛ (ମୁଁ) ନବୀ ନୁହେଁ । ଏକଥା ହଦିସ୍‌ରେ ମଧ୍ୟ ଉଲ୍ଲେଖ ଥିବାର ମିଳୁଅଛି ଏବଂ ମୋତେ ଅଲ୍ଲାଃତାଲା ମଧ୍ୟ କହୁଛନ୍ତି ଯେ, ମୁଁ ନବୀ ଅଟେ । ଉକ୍ତ ଐଶୀବାଣୀରେ ମୋର ନାମ ରସୁଲ୍ (ବାର୍ତ୍ତାବହ) ଏବଂ ଅବତାର ମଧ୍ୟ ରଖାଯାଇଛି । ସୁତରାଂ ଯେଉଁ ବ୍ୟକ୍ତିର ସ୍ୱୟଂ ଭଗବାନ ଏହି ନାମ ଦିଅନ୍ତି ତେବେ ଉକ୍ତ ବ୍ୟକ୍ତିକୁ ସାଧାରଣ ବ୍ୟକ୍ତି ବୋଲି ବିଚାର କରିବା ପୂର୍ଣ୍ଣ **ଚପଳତା ପ୍ରଦମାଦ** ଅଟେ । ଈଶ୍ୱରଙ୍କ ନିଦର୍ଶନର ସାକ୍ଷ୍ୟ କିପରି ଦୁର୍ବଳ ହୋଇପାରିବ ? ସେପଛେ ନବୀ ମାଧ୍ୟମରେ ହେଉ କିମ୍ବା ମୁହଦ୍ଦିସ୍ ମାଧ୍ୟମରେ ହେଉ । ପ୍ରକୃତ କଥା ଏହିକି ଯେ, ସ୍ୱୟଂ ଆମର ପ୍ରିୟ ମୁନିବ ନବୀ ସ.ଅଙ୍କ ଅବତାରତ୍ୱ ଓ ଆପଣ ସ.ଅଙ୍କ କୃପା ତଥା କଲ୍ୟାଣର ଏକ ପରିପ୍ରକାଶକ ସୃଷ୍ଟି କାରଇ ସ୍ୱତଃ ସାକ୍ଷ୍ୟ ପ୍ରଦାନ କରିଥାଏ ଓ ସନ୍ଥକୁ ମାଗଣା ନାମ ପ୍ରାପ୍ତ ହୋଇଥାଏ । ଯେଉଁ ନିଦର୍ଶନଗୁଡ଼ିକ ପ୍ରକାଶିତ ହେଉଅଛି ତାହା ପ୍ରକୃତରେ ଆଁହଜରତ ସ.ଅଙ୍କ ସତ୍ୟତାର ନିଦର୍ଶନ ଅଟେ । ସନ୍ଥର ନାମ କିମ୍ବା ଯେଉଁ ବ୍ୟକ୍ତିର ବି ନାମ ମଝିରେ ଆସିଲା ଅବା ଯାହା ଦ୍ୱାରା କୌଣସି ନିଦର୍ଶନ ପ୍ରକାଶିତ ହେଉଛି ତା'ର ନାମ ତୁଚ୍ଛାଟାରେ ବା ଖଲିଟାରେ ଆସୁଛି । ସୁତରାଂ ଯେଉଁ ସନ୍ଥ ଆପଣ ସ.ଅଙ୍କ ନିଦର୍ଶନର ପୁଷ୍ଟି କରିଥାଏ ସେ ଆପଣ ସ.ଅଙ୍କ ଠାରୁ ସୌନ୍ଦର୍ଯ୍ୟ ଓ ସୁଗୁଣାବଳୀ ଗ୍ରହଣ କରିଥାଏ ନା କି ଆପଣ ସ.ଅ ତା' ଠାରୁ ସୌନ୍ଦର୍ଯ୍ୟ ତଥା ସୁଗୁଣାବଳୀ ପ୍ରାପ୍ତ କରିଥାଆନ୍ତି ।" **(ଅୟାମେ ସୁଲାହ୍, ରୁହାନୀ ଖଜାଏନ୍, ଭାଗ-14, ପୃ-304-310)**

ନିଜର ଦାବି ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: "ଅଲ୍ଲାଃତାଲା ଯେତେବେଳେ ସାଂପ୍ରତିକ ଯୁଗର ଶୋଚନୀୟ ଦୂରାବସ୍ଥା ଓ ସଂସାରରେ ପରିବ୍ୟାପ୍ତ ନାନା ପ୍ରକାରର ପାପର ଅଭିବୃଦ୍ଧି ଓ ଅବଜ୍ଞାର ପରିବେଶ ସରଗରମ ଥିବାର ଅବଲୋକନ କରି ମୋତେ ସତ୍ୟର ପ୍ରଚାର ତଥା ଧର୍ମର ପୁନରୁତ୍ଥାନ ନିମନ୍ତେ ପ୍ରେରଣ କଲେ । ଏହି ଯୁଗଟି ଏହିପରି ଥିଲା ଯେ,.....ଲୋକମାନେ ତ୍ରୟୋଦଶ ହିଜ୍‌ରୀ ଶତାବ୍ଦୀକୁ ବିଦାୟ ଜଣାଇ ଚତୁର୍ଦ୍ଦଶ ଶତାବ୍ଦୀର ଶୀର୍ଷରେ ପହଞ୍ଚି ଯାଇଥିଲେ। ଠିକ୍ ସେତିକିବେଳେ ମୁଁ (ଏହି ଅଧମ) ଉକ୍ତ ନିର୍ଦ୍ଦେଶର ଆଜ୍ଞାପାଳନପୂର୍ବକ ସାଧାରଣ ଲୋକମାନଙ୍କ ମଧ୍ୟରେ ନିଜର ଲେଖନୀ, ବିଜ୍ଞପ୍ତି ଓ ଭାଷଣ ମାଧ୍ୟରେ ଏହି ଡାକ ଦେବା ଆରମ୍ଭ କଲି ଯେ, ଉକ୍ତ ଶତାବ୍ଦୀର ଶୀର୍ଷରେ ଧର୍ମର ଯେଉଁ ପୁନରୁଦ୍ଧାରକାରୀ ଆବିର୍ଭୂତ ହେବାର ଥିଲା ସେହି ଆଗମନକାରୀ ସୁଧାରକ ହେଉଛି ମୁଁ । ତେଣୁ ଧରାପୃଷ୍ଠରୁ ଯେଉଁ ବିଶ୍ୱାସ ନିଶ୍ଚିହ୍ନ ହୋଇଯାଇଛି ମୁଁ ତାହାକୁ ପୁନଃ ସ୍ଥାପନ କରିଦେବି । ପ୍ରଭୁଙ୍କ ଠାରୁ ବଳ ପ୍ରାପ୍ତ କରି ତାହାଙ୍କ ହସ୍ତର ଆକର୍ଷଣରୁ ସଂସାର ଜଗତର ସଂଶୋଧନ, ଧର୍ମ ପରାୟଣତା ଓ ସତ୍ୟତା ଆଡ଼କୁ ଆକର୍ଷିତ କରିବି। ଲୋକମାନଙ୍କର ବିଶ୍ୱାସଭିତ୍ତିକ, ଚାରିତ୍ରିକ ଦୋଷତ୍ରୁଟିକୁ ଦୂର କରିଦେବି । ପୁନଶ୍ଚ ଯେତେବେଳେ ଏହାକୁ କିଛି ବର୍ଷ ବିତିଲା ତ' ସେତେବେଳେ ଐଶୀବାଣୀ ମାଧ୍ୟମରେ ମୋ ଉପରେ ସ୍ପଷ୍ଟ ଭାବରେ ଏହା ଉନ୍ମୁକ୍ତ କରି ଦିଆଗଲା ଯେ, ଏହି ଉମ୍ମତ (ଅର୍ଥାତ୍ ଇସଲାମ୍ ଧର୍ମ) ନିମନ୍ତେ ଯେଉଁ ମସିହ୍ ପ୍ରାରମ୍ଭରୁ ହିଁ ମଉଦ୍ (ପ୍ରତିଶ୍ରୁତ) ଥିଲେ ସେ ଶେଷ ମେହଦୀ ଯିଏ ଇସଲାମ୍ ଧର୍ମର ପତନ ସମୟରେ ଏବଂ ମାର୍ଗଭ୍ରଷ୍ଟ ବ୍ୟାପୀ ଯିବା ସମୟରେ ସିଧାସଳଖ ଅଲ୍ଲାଃତାଲାଙ୍କ ଠାରୁ ମାର୍ଗଦର୍ଶନ ପ୍ରାପ୍ତକାରୀ ଓ ଆକାଶୀୟା ଆହାରକୁ ନୂତନ ରୂପେ ମନୁଷ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପିତକାରୀ ସପକ୍ଷରେ ବିଧିର ବିଧାନରେ ନିୟତିକୃତ କରି ଦିଆଯାଇଥିଲା। ଯାହାର ଶୁଭ ସୂଚନା ଆଜକୁ 1300 ବର୍ଷ ପୂର୍ବେ ରସୁଲ୍ କରୀମ ସ.ଅ ଆମମାନଙ୍କୁ ପ୍ରଦାନ କରିଥିଲେ ସେହି ପ୍ରତିଶ୍ରୁତ ମସିହ୍ ଓ ମେହଦୀ ତଥା ଆଗମନକାରୀ ମୁଁ ଅଟେ ଏବଂ ଈଶ୍ୱରଙ୍କ ସହିତ କଥୋପକଥନ ଏବଂ ଐଶୀ ସମ୍ବୋଧନ ଏତେ ସ୍ପଷ୍ଟତାର ସହିତ ଓ ଏତେ କ୍ରମିକତାର ସହିତ ହେଲା ଯେ, ଶଙ୍କା ଓ ସନ୍ଦେହର ଅବକାଶ ଆଉ ରହିଲା ନାହିଁ । ପ୍ରତ୍ୟେକ ଯେଉଁ ଐଶୀବାଣୀ ହୋଇଥିଲା ତାହା ଲୌହ କଣ୍ଟା ପରି ହୃଦୟକୁ ବିଦୀର୍ଣ୍ଣ କରୁଥିଲା । ଏହି ସମସ୍ତ ଐଶୀ କଥୋପକଥନ ଏଭଳି ଭବ୍ୟ ତଥା ମହାନ ଭବିଷ୍ୟତବାଣୀ ଦ୍ୱାର ପରିପୂର୍ଣ୍ଣ ଥିଲା ଯେ, ତାହା ସ୍ପଷ୍ଟ ରୂପେ ପୂର୍ଣ୍ଣ ହେଲା" । **(ତଜ୍‌କିରତୁସ୍ ଶାହାଦତୈନ୍, ରୁହାନୀ ଖଜାଏନ୍, ଭାଗ-20, ପୃ-3-4)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ଏପରି ସନ୍ଧିକ୍ଷଣ ମୁହୂର୍ତ୍ତରେ ଯେତେବେଳେ ଈଶ୍ୱରଙ୍କୁ ଚିହ୍ନିବାର ଶକ୍ତି କ୍ଷିଣରୁ କ୍ଷିଣତର ହୋଇ ହଜାରରୁ ଉର୍ଦ୍ଧ୍ୱ କାମନା ଜନିତ ଆତ୍ମିକ ଅନ୍ଧକାରର ପରଦାର ଆଢୁଆଳରେ ଲୁଚି ଯାଇଥାଆନ୍ତି । ସେଭଳି ସମୟରେ ଅନେକ ଲୋକମାନେ ଯେତେବେଳେ ନାସ୍ତିକବାଦୀ ପାଲଟି ଯାଆନ୍ତି ଏବଂ ଭୂମି ପାପ, ଅବଚେତନ ତଥା ଘୃଷ୍ଟତା ଏବଂ ନିର୍ଲଜତା ଦ୍ୱାରା ପରିପୂର୍ଣ୍ଣ ହୋଇଯାଏ ସେତେବେଳେ ଅଲ୍ଲାଃତାଲାଙ୍କର ସ୍ୱାଭିମାନ, ପ୍ରତାପ, ଆତ୍ମସମ୍ମାନ ଏହା ଆଶା କରିଥାଏ ଯେ, ପୁନଃ ନିଜର ସତ୍ତା ତଥା ଅସ୍ତିତ୍ୱକୁ ଲୋକମାନଙ୍କ ସମ୍ମୁଖରେ ପରିପ୍ରକାଶିତ କରାଯାଉ । ସୁତରାଂ ଯେପରିକି ଅଲ୍ଲାଃତାଲାଙ୍କର ପ୍ରାଚୀନ କାଳରୁ ଏହି ପରମ୍ପରା ରହି ଆସିଛି ଯେ, ମୋର (ହ. ମସିହ୍ ମଉଦ୍

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଅ.ସଙ୍କ ଯୁଗ) ଏହି ଯୁଗରେ ଯାହାକି ଏଭଳି ପରିସ୍ଥିତି ଓ ଚିହ୍ନ ତଥା ଲକ୍ଷଣ ନିଜ ମଧ୍ୟରେ ଏକତ୍ରିତ କରି ରଖିଥାଆନ୍ତି ଅଲ୍ଲାଃତାଲା ମୋତେ ଚତୁର୍ଦ୍ଦଶ ସତାବ୍ଦୀର ଶୀର୍ଷଭାଗରେ ବିଶ୍ୱାସର ସଂସ୍କରଣ ଓ ଈଶ୍ୱରଙ୍କ ପରିଚୟ ପ୍ରଦାନ ନିମନ୍ତେ ପ୍ରେରଣ କଲେ । ପ୍ରଭୁଙ୍କ ସାହାଯ୍ୟ, ସମର୍ଥନ ଏବଂ ତାହାଙ୍କ କୃପାରୁ ମୋ ହସ୍ତରେ ଆକାଶୀୟ ନିର୍ଦ୍ଦଶନ ପ୍ରକାଶିତ ହୋଇଥାଏ ଏବଂ ତାହାଙ୍କ ଅଭିଳାଷା ଅନୁଯାୟୀ ଦୁଆ (ପ୍ରାର୍ଥନା) ସ୍ୱୀକୃତ ହୋଇଥାଏ ଏବଂ ଆଦୃଷ୍ଟ ପ୍ରସଙ୍ଗ ସଂପର୍କରେ ସୂଚନା ମିଳିଥାଏ, ସତ୍ୟତା ଓ ପବିତ୍ର କରଆନ୍ କରୀମ୍‌ର ପରିଚୟ ବର୍ଣ୍ଣନା କରାଯାଇଥାଏ, ଧର୍ମବିଧାନର ସଂଶୟ, ଦ୍ୱିବିଧା ଓ ସମସ୍ୟାବଳୀର ସମାଧାନ କରାଯାଇଥାଏ। ମୁଁ ସେହି ଅଶେଷ ଦୟାବାନ ଓ ପ୍ରିୟ ଈଶ୍ୱରଙ୍କ ଶପଥ କରି କହୁଛି ଯିଏ ମିଥ୍ୟାର ଶତ୍ରୁ ଓ ମିଥ୍ୟାରୋପଣକାରୀର ବିନାଶକାରୀ ଅଟନ୍ତି । କାରଣ ମୁଁ ସେହି ପରମେଶ୍ୱରଙ୍କ ତରଫରୁ ଆସିଅଛି ଓ ତାହାଙ୍କ ପ୍ରେରଣ ଫଳରେ ଯଥା ସମୟରେ ଆସିଅଛି, ତାହାଙ୍କ ଆଦେଶରୁ ହିଁ ଛିଡ଼ା ହୋଇଅଛି, ମୋର ପ୍ରତ୍ୟେକ ପାଦରେ ସେ ମୋ ସହିତ ଅଛନ୍ତି, ସେ ମୋତେ କ୍ଷୟ ହେବାକୁ ଦେବେ ନାହିଁ ଓ ନା ହିଁ ମୋ ସଂପ୍ରଦାୟକୁ କ୍ଷୟ ହେବାକୁ ଦେବେ ଏବଂ ସେ ଯେଉଁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ଯେପର୍ଯ୍ୟନ୍ତ ନିଜର କାର୍ଯ୍ୟ ସମାପ୍ତ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ମୋର ଜମାଅତ୍‌କୁ ବିନାଶମୁଖୀ କରାଇବେ ନାହିଁ । ସେ ମୋତେ ଚତୁର୍ଦ୍ଦଶ ଶତାବ୍ଦୀର ଶୀର୍ଷରେ ଅଲୋକକୁ ପୂର୍ଣ୍ଣ କରିବା ନିମନ୍ତେ ନିଯୁକ୍ତ କଲେ ଓ ମୋର ପୁଷ୍ଟି ନିମନ୍ତେ ରମ୍‌ଜାନ୍ ମାସରେ କୁସୁଫ୍ ଖୁସୁଫ (ସୂର୍ଯ୍ୟପରାଗ ଓ ଚନ୍ଦ୍ର ଗ୍ରହଣ) ଦେଖାଇଲେ ଏବଂ ଭୂପୃଷ୍ଠରେ ଅସଂଖ୍ୟ ସ୍ୱଷ୍ଟ ନିଦର୍ଶନ ଦେଖାଇଲେ । ଏହି ନିର୍ଦ୍ଦଶନଗୁଡ଼ିକ ସତ୍ୟାନ୍ୱେଷୀମାନଙ୍କ ନିମନ୍ତେ ଯଥେଷ୍ଟ ଥିଲା । ସୁତରାଂ ପ୍ରଭୁ ଏହିପରି ଭାବରେ ନିଜର ପ୍ରମାଣକୁ ସିଦ୍ଧ କରିଦେଲେ ।" **(ଅର୍ବଇନ୍, ସଂଖ୍ୟା-2, ରୁହାନୀ ଖଜାଏନ୍, ଭାଗ-7, ପୃ-347-348)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: " ଯଦି କୌଣସି ବ୍ୟକ୍ତି ଏହି ପ୍ରଶ୍ନ କରେ ଯେ, ଏକଥାର କ'ଣ ପ୍ରମାଣ ରହିଛି ଯେ, ଆଗମନକାରୀ ମସିହ୍ ହେଉଛନ୍ତି ଆପଣ ? ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ଉକ୍ତ ପ୍ରଶ୍ନର ଉତ୍ତର ଏହିକି ଯେ, ଯେଉଁ ଯୁଗ, ଯେଉଁ ଦେଶ ତଥା ଯେଉଁ ନଗରରେ ମସିହ୍ ମଉଦ୍ ଆବିର୍ଭୂତ ହେବାର ପବିତ୍ର କୁରଆନ ଶରୀଫ୍ ଏବଂ ଆହଦିସରୁ ପ୍ରମାଣିତ ହୁଏ ଏବଂ ଯେଉଁ ବିଶିଷ୍ଟ ବିଶେଷତାକୁ ମସିହ୍‌ଙ୍କ ଅସ୍ତିତ୍ୱର ଅଭିପ୍ରାୟ ବୋଲି ଦର୍ଶାଯାଇଛି, ଯେଉଁ ଭୂପୃଷ୍ଠୀୟ ଓ ଆକାଶୀୟ ଘଟଣାବଳୀକୁ ତଥା ମହାଜାଗତିକ ନିଦର୍ଶନକୁ ମସିହ୍ ମଉଦ୍‌ଙ୍କ ଆବିର୍ଭୂତ ହେବାର ଚିହ୍ନ ବୋଲି ଦର୍ଶାଯାଇଛି, ଯେଉଁ ଜ୍ଞାନ ଓ ବ୍ରହ୍ମଜ୍ଞାନକୁ ମସିହ୍ ମଉଦ୍‌ଙ୍କ ବିଶେଷତା ରୂପେ ଦର୍ଶାଯାଇଛି ସେହି ସମସ୍ତ ପ୍ରସଙ୍ଗ ଓ ଲକ୍ଷଣ ଅଲ୍ଲାଃତାଲା ମୋ ଠାରେ, ମୋ କାଳରେ ଓ ମୋ ପ୍ରଦେଶରେ ଏକତ୍ରିତ କରିଦେଇଛନ୍ତି । ଦୁର୍ଘଟଣା ମଧ୍ୟ ହେଉଛି, ରୋଗ ମଧ୍ୟ ମାଡ଼ି ଆସୁଛି, ଭୂମିକମ୍ପ ମଧ୍ୟ ଅନୁଭୂତ ହେଉଛି, ଆକାଶୀୟ ନିର୍ଦ୍ଦଶନ ମଧ୍ୟ ସଂପୂର୍ଣ୍ଣ ହେଉଅଛି। ମୋର ଦାବି ମଧ୍ୟ ବିଦ୍ୟମାନ ରହିଛି ଏବଂ ଅଲ୍ଲାଃତାଲା ମୋ ହସ୍ତରେ ନିର୍ଦ୍ଦଶନ ମଧ୍ୟ ପ୍ରଦର୍ଶିତ କରାଉଛନ୍ତି । ସୁତରାଂ ତୁମେମାନେ କିପରି କହିପାରୁଛ ଯେ, ମୁଁ ନବୀ ନୁହେଁ । ଏହା ହିଁ ସେହି ପ୍ରମାଣ ଅଟେ ଏବଂ ସେହି ସମସ୍ତ କଥା ଯାହାକୁ ଅଲ୍ଲାଃତାଲା ମୋ ଠାରେ ଓ ମୋ ଯୁଗରେ ତଥା ମୋ ଦେଶରେ ଏକତ୍ରିତ କରିଦେଇଛନ୍ତି । ପୁନଶ୍ଚ ସନ୍ତୁଷ୍ଟି ନିମନ୍ତେ ଆକାଶୀୟ ନିର୍ଦ୍ଦଶନ ଓ ସମର୍ଥନ ମୋ ସହିତ ରହିଛି । **(କିତାବୁଲ୍ ବରିୟାହ୍, ରୁହାନୀ ଖଜାଏନ୍, ଭାଗ-13, ପୃ-254-255, ଅବଶିଷ୍ଟ ବି.ଦ୍ରରୁ ଆନୀତ)**

ଆପଣ ଅ.ସ କୁହନ୍ତି: "ଆକାଶୀୟ ସମର୍ଥନ ଏହିପରି ଯେ, ଲାଞ୍ଜ ତାରକା, ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ, ପ୍ଲେଗ୍ ରୋଗ ବ୍ୟାପିବା, ଭୂମିକମ୍ପ ଅନୁଭୂତ ହେବା ବା ଆସିବା ଆଦି ଅନେକ ପ୍ରସଙ୍ଗ ରହିଛି । ସଂପ୍ରଦାୟର ଉନ୍ନତିର ସମୟ ପୂର୍ବରୁ ସୂଚନା ମିଳିବା ନିଦର୍ଶନ ତଥା ସମର୍ଥନକୁ ବର୍ଣ୍ଣନା କରି ଆପଣ ଅ.ସ ଅନେକ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଯେପରିକି ମୁଁ ପୂର୍ବେ କହିଛେ ଯେ, ତତ୍‌ସଂକ୍ରାନ୍ତରେ ଆପଣ ଅ.ସ ଅନେକ ପୁସ୍ତକମାନ ରଚନା କରିଛନ୍ତି । କିନ୍ତୁ ଗୋଟିଏ ଦୁଇଟି କଥା ଏଠାରେ ଉପସ୍ଥାପିତ କରିଦେଉଛି । ହ. ମସିହ୍ ମଉଦ୍ ଅ.ସ ନିଜ ସଂପ୍ରଦାୟର ଉନ୍ନତି ସଂକ୍ରାନ୍ତରେ କୁହନ୍ତି, ଆଜି ଠାରୁ ୩୦ ବର୍ଷ ପୂର୍ବେ "ବରାହିନେ ଅହେମଦିୟା"ରେ ଏହି ଐଶୀବାଣୀ ଉଲ୍ଲେଖ ରହିଛି ଯେ, ଲୋକମାନେ ଉକ୍ତ ସଂପ୍ରଦାୟକୁ ନିଶ୍ଚିହ୍ନ କରିଦେବା ସକାଶେ ଆପ୍ରାଣ ଉଦ୍ୟମ କରିବେ ଏବଂ ପ୍ରତ୍ୟେକ ଯୋଜନାକୁ କାର୍ଯ୍ୟକାରୀ କରିବେ ଓ ସକଳ ସାମର୍ଥ୍ୟକୁ ବିନିଯୋଗ କରିବେ (ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିରୋଧୀମାନେ ଆଜିପର୍ଯ୍ୟନ୍ତ ଏହିପରି ଉଦ୍ୟମ ଓ ହୀନ ଚକ୍ରାନ୍ତ କରି ଆସୁଛନ୍ତି ଏହି କଥାକୁ ଓ ଜମାଅତ୍‌କୁ ଦୀର୍ଘ 132 ବର୍ଷ ବିତି ଯାଇଛି) । କିନ୍ତୁ ପ୍ରଭୁ ଉକ୍ତ ସଂପ୍ରଦାୟର ସର୍ବଦା ସମର୍ଥନ କରିବେ, ଉକ୍ତ ସଂପ୍ରଦାୟର ବୃଦ୍ଧି ଘଟାଇବେ । ଏହି ସଂପ୍ରଦାୟ ଏକ ସୈନ୍ୟଦଳ ହୋଇଯିବ ଏବଂ ପ୍ରଳୟ ଦିବସ ପର୍ଯ୍ୟନ୍ତ ଏହି ସଂପ୍ରଦାୟ ଅନ୍ୟ ଲୋକମାନଙ୍କ ଉପରେ ଆଧିପତିତ୍ୱ ବିସ୍ତାର କରିବ । ଅଲ୍ଲାଃତାଲା ଆପଣ ଅ.ସଙ୍କୁ କୁହନ୍ତି: "ମୁଁ ତୁମ୍ଭର ନାମକୁ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇ ଦେବି ଓ ତୁମକୁ ଖ୍ୟାତି ପ୍ରଦାନ କରିବି, ଲୋକମାନେ ଦଳ ଦଳ ହୋଇ ଦୂରବର୍ତ୍ତୀ ସ୍ଥାନରୁ ଆସିବେ ଓ ପ୍ରତ୍ୟେକ ଦିଗରୁ ଆର୍ଥିକ ସାହାଯ୍ୟ ଆସିବ (ପ୍ରାପ୍ତ ହେବ), ଗୃହଗୁଡ଼ିକୁ ଅଧିକ ପ୍ରଶସ୍ତ କରିଦିଅ । କାରଣ ଏହି ପ୍ରସ୍ତୁତି ଆକାଶରେ ହେଉଅଛି । ବର୍ତ୍ତମାନ ଦେଖ ଯେ, ଏହି ଭବିଷ୍ୟତବାଣୀଟି କେଉଁ ଯୁଗର ଯାହା ଆଜି ପୂର୍ଣ୍ଣ ହେଉଅଛି। ଏହା ହେଉଛି ପ୍ରଭୁଙ୍କର ଅଲୌକିକ ନିର୍ଦ୍ଦଶନ ଯାହାକୁ ଚକ୍ଷୁଥିବା ବ୍ୟକ୍ତିମାନେ ହିଁ ଅବଲୋକନ କରୁଛନ୍ତି । କିନ୍ତୁ ଯେଉଁମାନେ ଅନ୍ଧ ଅଟନ୍ତି ସେମାନଙ୍କ ନିକଟରେ ବର୍ତ୍ତମାନ ସୁଦ୍ଧା କୌଣସି ନିଦର୍ଶନ ପ୍ରକାଶିତ ହେଲା ନାହିଁ ।" **(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଏନ୍, ଭାଗ-18, ପୃ-384-385)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ନିଦର୍ଶନର ଅନେକ ବିସ୍ତୃତ ବିବରଣୀ ରହିଛି । ତନ୍ମଧ୍ୟରୁ କେତେକ ନିଦର୍ଶନ ଏଠାରେ ବର୍ଣ୍ଣନା କରିଦେଉଛି । ଶୈକ୍ଷିକ ନିଦର୍ଶନ ଓ ସମର୍ଥନ ସଂପର୍କରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ଏକଦା ଜଣେ ହିନ୍ଦୁ ବ୍ୟକ୍ତି କାଦିଆନ୍‌ରେ ମୋ ନିକଟକୁ ଆସିଲେ ଯାହାଙ୍କ ନାମ ମନେ ନାହିଁ । ହୁଜୁର ଅ.ସ ପୁନଶ୍ଚ ଉଲ୍ଲେଖ କଲେ ଯେ, (ମନେ ପଡ଼ିଲା ସେହି ବ୍ୟକ୍ତିର ନାମ ସ୍ୱାମୀ ଶୁଗନ ଚନ୍ଦ୍ର ଥିଲା) । ସେହି ବ୍ୟକ୍ତି କହିଲା ଯେ, ମହୋଦୟ ! ମୁଁ ଏକ ଧାର୍ମିକ ଜଲ୍‌ସା (ଉକ୍ତ ଜଲସାର ନାମ ଧର୍ମ ମହୋତ୍ସବ, ମହାନ ଜଲସା ରୂପେ ପ୍ରସିଦ୍ଧ କରାଯାଇଥିଲା) ଆୟୋଜନ କରିବାକୁ ଚାହୁଁଛି । ତେଣୁ ଆପଣ ମଧ୍ୟ ନିଜ ଧର୍ମର ବିଶେଷତା ସଂପର୍କରେ କିଛି ବିଷୟବସ୍ତୁ ଲେଖନ୍ତୁ । କାରଣ ଆପଣଙ୍କ ଦ୍ୱାରା ଲିଖିତ ବିଷୟବସ୍ତୁକୁ ଉକ୍ତ ଜଲ୍‌ସାରେ ପାଠ କରାଯିବ । ମୁଁ କ୍ଷମା ପ୍ରାର୍ଥୀ ହେଲି । କିନ୍ତୁ ସେହି ସ୍ୱାମୀ ଶୁଗନ୍ ଚନ୍ଦ୍ର ମୋତେ ବହୁତ ଅନୁରୋଧ କଲେ ଯେ, ଆପଣ ଅବଶ୍ୟ କିଛି ନା କିଛି ବିଷୟବସ୍ତୁ ଲେଖନ୍ତୁ । ହୁଜୁର୍ ଅ.ସ କହୁନ୍ତି: ମୁଁ ଜାଣେ ଯେ, ମୁଁ ନିଜର ବ୍ୟକ୍ତିଗତ ସାମର୍ଥ୍ୟ, ବଳ ଦ୍ୱାରା କିଛି ମଧ୍ୟ କରିପାରିବି ନାହିଁ । ବରଂ ମୋ ଠାରେ କୌଣସି ଶକ୍ତି ନାହିଁ । ମୁଁ ପ୍ରଭୁଙ୍କ ବିନା ଆମନ୍ତ୍ରଣରେ କିଛି କହିପାରିବି ନାହିଁ ଓ ତାହାଙ୍କ ଦେଖାଇବା ବ୍ୟତୀରେକ କିଛି ବି ଦେଖି ପାରିବି ନାହିଁ । ତେଣୁ ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲି ଯେ, ହେ ଈଶ୍ୱର ! ମୋ ମସ୍ତିଷ୍କରେ ଏପରି ବସ୍ତୁ ସୃଷ୍ଟି କରନ୍ତୁ ଯାହା ସେହି ସଭାର ସମସ୍ତ ଭାଷଣ ଉପରେ ବିଜୟ ପ୍ରାପ୍ତ କରିବ । ଏଥିନିମିତ୍ତ ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନ କଲି । ଦୁଆ କରିବା ପରେ ଦେଖିଲି ଯେ, ଏକ ଦିବ୍ୟ ଶକ୍ତି ମୋ ଭିତରେ ଫୁଙ୍କି ଦିଆଯାଇଛି । ମୁଁ ସେହି ଆକାଶୀୟ ଶକ୍ତିର ଏକ କମ୍ପନ ନିଜ ମଧ୍ୟରେ ଅନୁଭବ କଲି ଓ ମୋର ବନ୍ଧୁଗଣମାନେ ଯେଉଁମାନେ ସେତେବେଳେ ମୋ ନିକଟରେ ଉପସ୍ଥିତ ଥିଲେ ସେମାନେ ଜାଣନ୍ତି ଯେ, ମୁଁ ଉକ୍ତ ବିଷୟବସ୍ତୁର କୌଣସି ମୂଳପାଣ୍ଡୁଲିପି ଲେଖିଲି ନାହିଁ । ଯାହା କିଛି ଲେଖିଲି ତାହା କେବଳ ସହସା ଓ ତତ୍‌କ୍ଷଣାତ ଲେଖା ଥିଲା ଏବଂ ଏତେ ମୁଁ ଏତେ ଦ୍ରୁତ ଓ ଶୀଘ୍ର ଶୀଘ୍ର ଲେଖିଯାଉଥିଲି ଯେ, ଲିଖନକାରୀ ବ୍ୟକ୍ତି ପାଇଁ କଷ୍ଟ ଓ ସମସ୍ୟା ସୃଷ୍ଟି ହୋଇଗଲା । କାରଣ ଏତେଶୀଘ୍ର ସେହି ବିଷୟବସ୍ତୁର ମୂଳ ଲିପିକୁ ଲେଖିବା ଅତ୍ୟନ୍ତ କଷ୍ଟକର ଥିଲା । ହୁଜୁର୍ ଅ.ସ କୁହନ୍ତି: ମୁଁ ଯେତେବେଳେ ବିଷୟବସ୍ତୁ ଲେଖି ସାରିଲି ସେତବେଳେ ଈଶ୍ୱରଙ୍କ ତରଫରୁ ଏହି ଐଶୀବାଣୀ ହେଲା ଯେ, مضمون بالا رہا (ମଜ୍‌ମୁନ୍ ବାଲା ରହା) ଅର୍ଥାତ ବିଷୟବସ୍ତୁଟି ସମସ୍ତଙ୍କ ଠାରୁ ଉତ୍କୃଷ୍ଟ ରହିଲା ।" ଉପରୋକ୍ତ ପ୍ରସଙ୍ଗର

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢ଼ିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ସାରମର୍ମ ଏହିକିଯେ, ଯେତେବେଳେ ସେହି ବିଷୟବସ୍ତୁଟି ଉକ୍ତ ଜନସଭାରେ ପାଠ କରାଗଲା ସେତେବେଳେ ପାଠ ସମୟରେ ଶ୍ରୋତାମଣ୍ଡଳୀଙ୍କ ପାଇଁ ଏକ ରସାନୁଭୂତିମୂଳକ ଆମ୍ବିସ୍ମୃତ ଅବସ୍ଥା ବିସ୍ତାରିତ ହୋଇଯାଇଥିଲା। ପ୍ରତ୍ୟେକ ପାର୍ଶ୍ୱରୁ ପ୍ରଶଂସାର ସ୍ୱର ଓ ସୁଅ ଛୁଟିଥିଲା । ଏପର୍ଯ୍ୟନ୍ତକି ଜଣ ହିନ୍ଦୁ ବ୍ୟକ୍ତି ଯେକି ଉକ୍ତ ସମାବେଶରେ ସଭାପତି ଆସନରେ ଆସୀନ ଥିଲେ ଏବଂ ଯାହାଙ୍କ ସଭାପତିତ୍ୱରେ ଉକ୍ତ ଜଲ୍‌ସାଟି ଆୟୋଜିତ ହେଉଥିଲା ତାଙ୍କ ପାଟିରୁ ସହସା ବାହାରି ପଡ଼ିଲା ଉକ୍ତ ବିଷୟବସ୍ତୁଟି ଅନ୍ୟ ସମସ୍ତ ବିଷୟବସ୍ତୁ ଠାରୁ ଉଚ୍ଚତର ଓ ଅଧିକ ଶ୍ରେୟସ୍କର ଅଟେ । ସେହିପରି ଲାହୋର୍‌ର ସିଭିଲ୍ ଆଣ୍ଡ ମିଲ୍‌ଟାରୀ ଗେଜେଟ୍ ପତ୍ରିକା ମଧ୍ୟ ସାକ୍ଷ୍ୟ ରୂପେ ଏହା ପ୍ରକାଶ କଲା ଯେ, ଉକ୍ତ ବିଷୟବସ୍ତୁଟି ଅନ୍ୟ ସମଗ୍ର ବିଷୟବସ୍ତୁ ତୁଳନାରେ ଅଧିକ ଉଚ୍ଚମାନର ଓ ଅଧିକ ଶ୍ରେୟସ୍କର ଅଟେ । ସମ୍ଭବତଃ କୋଡ଼ିଏଟି ଖବର କାଗଜମାନେ ତତ୍‌ସଂକ୍ରାନ୍ତରେ ନିଜର ସାକ୍ଷ୍ୟ ପ୍ରଦାନ କଲେ ଏବଂ କହିଲେ ଉକ୍ତ ବିଷୟବସ୍ତୁଟି ଅନ୍ୟ ସମସ୍ତ ବିଷୟବସ୍ତୁ ତୁଳନାରେ ଅଧିକ ଉନ୍ନତମାନର ଓ ଅଧିକ ଶ୍ରେୟସ୍କର ଅଟେ । ସେହିପରି ଉକ୍ତ ସମାବେଶରେ ଉପସ୍ଥିତ ଥିବା ବିଦ୍ୱେଷ ବିରୋଧୀମାନଙ୍କ ତୁଣ୍ଡରେ ଏହି ଚର୍ଚ୍ଚା ଥିଲା ଯେ, ଉକ୍ତ ବିଷୟବସ୍ତୁଟି ବିଜୟ ମଣ୍ଡିତ ହେଲା । ଆଜି ପର୍ଯ୍ୟନ୍ତ ଶତାଧିକ ବ୍ୟକ୍ତି ଉପସ୍ଥିତ ଅଛନ୍ତି ଯେଉଁମାନେ ଏ ସଂପର୍କରେ ନିଜର ସାକ୍ଷ୍ୟ ପ୍ରଦାନ କରୁଛନ୍ତି ତାହା ନୁହେଁ ବରଂ ଆଜି ମଧ୍ୟ ଉକ୍ତ ବିଷୟବସ୍ତୁକୁ ପାଠ କରି ଲୋକମାନେ ଅହେମଦିୟତ୍ ସ୍ୱୀକାର କରୁଛନ୍ତି । ଅର୍ଥାତ **'ଇସ୍‌ଲାମୀ ଉସୁଲ୍ କି ଫିଲାସଫି'** ପୁସ୍ତକକୁ ପାଠ କରି । ସୁତରାଂ ପ୍ରତ୍ୟେକ ଗୋଷ୍ଠୀ ଓ ପ୍ରତ୍ୟେକ ସଂପ୍ରଦାୟର ସାକ୍ଷ୍ୟ, ଇଂରେଜମାନଙ୍କର ଖବରକାଗଜର ସାକ୍ଷ୍ୟରୁ ମୋ ଭବିଷ୍ୟତବାଣୀ ପୂର୍ଣ୍ଣ ହୋଇଗଲା ଯେ, ମଜ୍‌ମୁନ୍ ବାଲା ରହା (ବିଷୟବସ୍ତୁ ବିଜୟ ମଣ୍ଡିତ ହେଲା) । ଏହି ମୁକାବିଲା ସେହି ମୁକାବିଲା ଠାରୁ ପ୍ରିୟ ଥିଲା ଯାହା ମୁସା ଅ.ସଙ୍କୁ ଯାଦୁକରମାନଙ୍କ ସହିତ କରିବାକୁ ପଡ଼ିଥିଲା । କାରଣ ଉକ୍ତ ସମାବେଶରେ ବିଭିନ୍ନ ଚିନ୍ତାଧାରା ରଖିଥିବା ବ୍ୟକ୍ତିମାନେ ନିଜ ନିଜ ଧର୍ମ ସଂପର୍କରେ ଭାଷଣ ଶୁଣାଇଥିଲେ । ଯହିଁରେ କେତେକ ଖ୍ରୀଷ୍ଟ ବ୍ୟକ୍ତିମାନେ ମଧ୍ୟ ଥିଲେ ଏବଂ ଆଉ କେତେକ ସନାତନ ଧର୍ମର ହିନ୍ଦୁ, କେତେକ ଆର୍ଯ୍ୟ ସମାଜର ହିନ୍ଦୁମାନେ, କେତେକ ବ୍ରାହ୍ମ ସମାଜର ବ୍ୟକ୍ତିମାନେ , କେତେକ ଶିଖ୍ ଧର୍ମାବଲମ୍ବୀମାନେ ଓ ଆଉ କେତେକ ଆମ ଧର୍ମର ଅର୍ଥାତ ଇସଲାମ୍ ଧର୍ମାବଲମ୍ବୀୟ ବିରୋଧୀ ମୁସଲମାନେ ଥିଲେ । ସମସ୍ତେ ନିଜ ନିଜ ଧର୍ମର କଳ୍ପିତ ଆଶାବାଡ଼ିମୂଳକ ସର୍ପ ତିଆରି କରିଥିଲେ । କିନ୍ତୁ ପ୍ରଭୁ ଯେତେବେଳେ ମୋତ ହସ୍ତରେ ଇସ୍‌ଲାମୀୟ ସତ୍ୟତାର ଠେଙ୍ଗା ବା ଲାଠିର ଏକ ପବିତ୍ର ତଥା ପରିଚୟଗର୍ଭକ ଭାଷଣ ଆକାରରେ ସେମାନଙ୍କ ବିପକ୍ଷରେ ଯେତେବେଳେ ଛାଡ଼ିଲେ ସେତେବେଳେ ତାହା ଅଜଗର ସର୍ପ ହୋଇ ସବୁକିଛି ଗିଳିଗଲା ଓ ଆଜି ପର୍ଯ୍ୟନ୍ତ ବିଭିନ୍ନ ଜାତିରେ ମୋର ଏହି ଭାଷଣ ଯାହାକି ମୋ ତୁଣ୍ଡରୁ ବାହାରିଥିଲା ତାହା ପ୍ରଶଂସାର ସହିତ ଚର୍ଚ୍ଚା ହେଉଅଛି । ଆଜି ମଧ୍ୟ ଉକ୍ତ ସଂପ୍ରଦାୟଟି ନିରବଚ୍ଛିନ୍ନ ଭାବରେ ଜାରି ରହିଛି فَالْحَمْدُ لِلّٰهِ عَلٰى ذٰلِكَ । **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-291-292, ବି.ଦ୍ର ସହ)**

ପୁନଶ୍ଚ ଆଉ ଏକ ଭବିଷ୍ୟତବାଣୀର ଚର୍ଚ୍ଚା କରି ଆପଣ ଅ.ସ କୁହନ୍ତି: "ଏହା ହେଉଛି ଐଶୀ ନିଦର୍ଶନ ଯାହାର ଚର୍ଚ୍ଚା ବରାହିନେ ଅହେମଦିୟାରେ ହୋଇଛି ଏବଂ ତାହା ଏହିପରି ଯେ, يَا أَحْمَدُ فَاضَتِ الرَّحْمَةُ عَلٰى شَفَتَيْكَ ଅର୍ଥାତ୍ ହେ ଅହେମଦ୍ ! ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଝରଣା ତୁମ୍ଭ ତୁଣ୍ଡରୁ ହିଁ ଜାରି କରିଦିଆଗଲା। ଉକ୍ତ ନିଦର୍ଶନର ପ୍ରମାଣ ଆପଣ ଅ.ସଙ୍କ ଦ୍ୱାରା ଲିଖିତ ପୁସ୍ତକ ଅଟେ । ଆପଣ ଅ.ସ ଉଚ୍ଚ ଲଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ଆରବୀ ଭାଷାରେ ଅନେକ ପୁସ୍ତକମାନ ରଚନା କଲେ ଏବଂ ତାହାକୁ ପ୍ରକାଶିତ କରିବା ସଙ୍ଗେସଙ୍ଗେ ହଜାର ହଜାର ଟଙ୍କା ପୁରସ୍କାର ରାଶିର ଘୋଷଣା କରି ସେହି ପୁସ୍ତକ ସମ୍ବନ୍ଧରେ ବିଜ୍ଞପ୍ତି ମଧ୍ୟ ପ୍ରକାଶିତ କଲେ । ଇସ୍‌ଲାମ୍ ଧର୍ମ ବିଦ୍ୱାନ୍ ଏବଂ ଖ୍ରୀଷ୍ଟ ଧର୍ମ ବିଦ୍ୱାନ୍‌ମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଛି । କିନ୍ତୁ କୌଣସି ପ୍ରତିଦ୍ୱନ୍ଦ୍ୱୀ ଆପଣ ଅ.ସଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱୀତା କରିବାକୁ ଆସିଲା ନାହିଁ ।" କ'ଣ ଏହା ଈଶ୍ୱରଙ୍କ ନିଦର୍ଶନ ନା ମାନବିକ ଅଯୌକ୍ତିକ ପ୍ରଳାପ ? "**(ଜମିମା ରିସାଲା ଅଞ୍ଜାମ ଆଥମ୍, ରୁହାନୀ ଖଜାଏନ୍, ଭାଗ-11, ପୃ-290-291)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ଲୋକମାନେ ଆଜି ମ ମଧ୍ୟ ତତ୍‌ସଂପର୍କରେ କଥାବାର୍ତ୍ତା ତ' କରନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ବିପକ୍ଷରେ କେହି ହେଲେ ମୁକାବିଲା କରିବା ନିମନ୍ତେ ଆସି ନାହିଁ ।

ଦୁଆ ଗ୍ରହଣୀୟ ହେବାର ନିଦର୍ଶନ ପ୍ରସଙ୍ଗରେ ହ. ମସିହ୍ ମଉଦ୍ ଅ.ସ ଏକ ଘଟଣା ବର୍ଣ୍ଣନା କରି କୁହନ୍ତି: "ଏହି ଦିନମାନଙ୍କରେ ଯେଉଁ ନିଦର୍ଶନ ପ୍ରକାଶ୍ୟ ହୋଇଥିଲା ତନ୍ମଧ୍ୟରୁ ଏକ ନିଦର୍ଶନ ଦୁଆ ସ୍ୱୀକୃତ ହେବା ସଂପର୍କିତ ଥିଲା। ବାସ୍ତବରେ ଉକ୍ତ ଦୁଆଟି ଜଣେ ମୃତ ବ୍ୟକ୍ତିକୁ ଜୀବିତ କରିବା ସଂପର୍କିତ ଘଟଣା ଅଟେ ।" ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହିପରି ଯେ, ଦକ୍ଷିଣ ଭାରତର ହାଇଦ୍ରାବାଦ ପ୍ରଦେଶର ଅବ୍ଦୁର୍ ରହେମାନ ସାହେବଙ୍କ ସୁପୁତ୍ର ଅବ୍ଦୁଲ୍ କରୀମ୍ ନାମକ ଜଣେ ବିଦ୍ୟାର୍ଥୀ ଥିଲେ, ଅବ୍ଦୁଲ୍ କରୀମ୍ ନାମକ ଜଣେ ଛାତ୍ର କାଦିୟାନ୍‌କୁ ଶିକ୍ଷା ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ଆସିଥିଲେ ଏବଂ ତାଙ୍କୁ ଏକ ପାଗଳ କୁକୁର କାମୁଡ଼ି ଦେଇଥିଲା । ମୁଁ (ହ. ମସିହ୍ ମଉଦ୍ ଅ.ସ) ଉକ୍ତ ବିଦ୍ୟାର୍ଥୀକୁ ଚିକିତ୍ସା ନିମନ୍ତେ କସୋଲୀ ପ୍ରେରଣ କରିଦେଲି । କିଛି ଦିନ ପର୍ଯ୍ୟନ୍ତ ସେଠାରେ ଉକ୍ତ ବିଦ୍ୟାର୍ଥୀ ଜଣକର ଚିକିତ୍ସା ଚାଲିଲା । ଯଥା ସମ୍ଭବ ଚିକିତ୍ସା ଓ ଉପଚାର କରିବା ସତ୍ତ୍ୱେ ଯେତେବେଳେ ଚିକିତ୍ସକମାନେ ବିଫଳ ହେଲେ । ଫଳତଃ ସେ ପୁନଶ୍ଚ କାଦିଆନକୁ ଫେରି ଆସିଲା । କିଛି ଦିନ ଗଲାପରେ ଉକ୍ତ ବିଦ୍ୟାର୍ଥୀ ମଧ୍ୟରେ ପାଗଳପଣର ଲକ୍ଷଣମାନେ ଦୃଶ୍ୟମାନ ହେବାକୁ ଲାଗିଲା । ସେହି ବିଦ୍ୟାର୍ଥୀ ଜଣକ ପାଣିକୁ ଦେଖି ଡରିବାକୁ ଲାଗିଲା ଓ ତା'ର ଭୟଙ୍କର ଅବସ୍ଥା ହୋଇଗଲା । ସେତେବେଳେ ସେହି ପ୍ରବାସୀ ବିନୀତ ବିଦ୍ୟାର୍ଥୀ ନିମନ୍ତେ ମୋ ମନ ବିଚଳିତ ହୋଇ ଉଠିଲା ଯେ, ଉକ୍ତ ବାଳକ ପ୍ରବାସୀ ଅଟେ ଏବଂ ତା' ଘର ବହୁ ଦୂରରେ ଅବସ୍ଥିତ । ତେଣୁ ମୁଁ ଅତ୍ୟନ୍ତ ବ୍ୟାକୁଳିତ ଓ ଅଧୀର ହୋଇ ଉଠିଲି । ଚିକିତ୍ସକମାନେ କହିଲେ ଯେ, ଅବ୍ଦୁଲ୍ କରୀମ୍ ଆଉ ଅଧିକ ଦିନ ବଞ୍ଚିବେ ନାହିଁ ସେତେବେଳେ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ଅତ୍ୟନ୍ତ ଆକୁଳ ନିବେଦନମୂଳକ ପ୍ରାର୍ଥନା କଲି । ପ୍ରତ୍ୟେକ ବ୍ୟକ୍ତି ଏହା ଭାବୁଥିଲା ଯେ, ସେହି ଦୈନ୍ୟ ବିଦ୍ୟାର୍ଥୀ କିଛି ଘଣ୍ଟା ପରେ ମୃତ୍ୟୁବରଣ କରିବ । ଅନନ୍ୟୋପାୟ ହୋଇ ପରିଶେଷରେ ଉକ୍ତ ବିଦ୍ୟାର୍ଥୀକୁ ବୋର୍ଡ଼ିଂରୁ ବାହାରକୁ ବାହାର କରିଦେଇ ଅନ୍ୟ ଏକ ଗୃହରେ ଅନ୍ୟ ବିଦ୍ୟାର୍ଥୀମାନଙ୍କ ଠାରୁ ପୃଥକ ଭାବରେ ସତର୍କତାର ସହିତ ରଖାଗଲା। କସୋଲିର ଇଂରେଜ ଡାକ୍ତରମାନଙ୍କ ନିକଟକୁ ତାର (ଟେଲିଗ୍ରାମ୍) ପ୍ରେରଣ କରିଦିଆଗଲା ଯେ, ଏହିପରି (ଅର୍ଥାତ ସଂପୂର୍ଣ୍ଣ ଶରୀରରେ ରାବିଜ ଜୀବାଣୁ ବ୍ୟାପୀ ଯାଇଛନ୍ତି) ଅବସ୍ଥାରେ ଏହାର କୌଣସି ଉପଚାର ତଥା ଚକିତ୍ସା ରହିଛି କି ? ଆରପଟୁ (ଅର୍ଥାତ ଚକିତ୍ସକମାନଙ୍କ ପକ୍ଷରୁ) ଉତ୍ତର ମିଳିଲା ଯେ, ବର୍ତ୍ତମାନ ଏହାର ଆଉ କୌଣସି ଚିକିତ୍ସା ବା ଉପଚାର ନାହିଁ । ସୁତରାଂ ସେହି ପ୍ରବାସୀ ବିଦ୍ୟାର୍ଥୀ ବାଳକ ପାଇଁ ମୋ ମନ ବ୍ୟାକୁଳିତ ହୋଇ ଉଠିଲା ଏବଂ ମୋର ବନ୍ଧୁମାନେ ଉକ୍ତ ବିଦ୍ୟାର୍ଥୀ ନିମନ୍ତେ ଦୁଆ କରିବାକୁ ମୋତେ ଆକୁଳ ନିବେଦନ କଲେ ଓ ନେହୁରା ହେଲେ । କାରଣ ସେହି ନିର୍ଧନତା ଓ ଦୈନ୍ୟ ଅବସ୍ଥାରେ ଉକ୍ତ ବାଳକ ଦୟାଯୋଗ୍ୟ ଥିଲା ଏବଂ ମନରେ ଏକ ଭୟ ଉତ୍ପନ୍ନ ହୋଇଗଲା ଯେ, ଯଦି ଉକ୍ତ ବାଳକଟି ମୃତ୍ୟୁବରଣ କରେ ତେବେ ଅତ୍ୟନ୍ତ ଦୁର୍ଦ୍ଦଶା ଭାବରେ ତା'ର ମୃତ୍ୟୁ ଶତ୍ରୁ ଏବଂ ଲୋକହସାର କାରଣ ହେବ । (ଅର୍ଥାତ ଲୋକମାନେ କହିବେ ହେଇ ଦେଖ କାଦିଆନ୍‌କୁ ପାଠ ପଢିବାକୁ ଯାଇ ଉକ୍ତ ବାଳକ ମସିହ୍ ମଉଦ୍‌ଙ୍କ ଉପସ୍ଥିତିରେ ମୃତ୍ୟୁବରଣ କରିଲା) । ଶତ୍ରୁ ତଥା ବିରୋଧୀମାନେ କୋଳାହଳ ତଥା ସ୍ୱରୋତ୍ତଳନ କରିବେ ଯେ, ମସିହ୍ ମଉଦ୍ ଦୁଆ ସ୍ୱୀକୃତ ହେବାର ବଡ଼ ବଡ଼ ଦାବି ତ' କରନ୍ତି ଅଥଚ ଏହି କୁକୁର କାମୁଡ଼ା ରୋଗୀକୁ ଭଲ କରିପାରିଲେ ନାହିଁ। ସୁତରାଂ ମୋର ହୃଦୟ ଉକ୍ତ ବାଳକ (ବିଦ୍ୟାର୍ଥୀ) ନିମନ୍ତେ ଅତ୍ୟନ୍ତ ବ୍ୟାକୁଳିତ ହୋଇ ଉଠିଲା ଏବଂ ଚମତ୍କୃତମୂଳକ ଧ୍ୟାନ ସୃଷ୍ଟି ହେଲା । ଏହି ଧ୍ୟାନ ନିଜସ୍ୱ ସାମର୍ଥ୍ୟ ବଳରେ ସୃଷ୍ଟି ହୋଇ ନଥାଏ ବରଂ କେବଳ ପ୍ରଭୁଙ୍କ ପକ୍ଷରୁ ହିଁ ସୃଷ୍ଟି ହୋଇଥାଏ । ଆଉ ଯଦିବି ଏହି ଅବସ୍ଥା ସୃଷ୍ଟି ହୋଇଯାଏ ତେବେ ଏଭଳି ପରିସ୍ଥିତିରେ ଦୁଆର ଅବସ୍ଥା ତ' ପ୍ରଭୁଙ୍କ ଇଚ୍ଛା ଓ ଆଦେଶ ବଳରେ ହିଁ ନିଜର ପ୍ରଭାବ ଦେଖାଇଥାଏ । କାରଣ ଏହା ଖୁବ ନିକଟବର୍ତ୍ତୀ ଯେ, ଏହା ଦ୍ୱାରା ମୃତକ


**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"
(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 16 NOVEMBER 2023 Issue No.-46

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ପୁନର୍ଜୀବିତ ହୋଇଯାଉ। ତେଣୁ ଏହାର ପ୍ରଭାବ ଏତେ ଅଧିକ ହୋଇଥାଏ। ସୁତରାଂ ସେହି ବାଳକ ସକାଶେ ପ୍ରଭୁଙ୍କ ଆଡ଼କୁ ଏକାଗ୍ରଚିତ୍ତ ଅବସ୍ଥା ହେବା ଫଳରେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲି । ଯେତେବେଳେ ମୋର ଏହି ଅବସ୍ଥା ଚରମ୍ ସୀମା ପର୍ଯ୍ୟନ୍ତ ପହଞ୍ଚିଗଲା ଓ ଯେତେବେଳେ ଏହି ବ୍ୟଥା ମୋ ହୃଦୟରେ ସଂପୂର୍ଣ୍ଣ ପ୍ରଭାବ ବିସ୍ତାରିତ ହେଲା ସେତେବେଳେ ଦୁଆର ସ୍ଥିତି ସୃଷ୍ଟି ହୋଇଗଲା । ହୃଦୟ ବେଦନା ଦ୍ୱାର ପରିପୂର୍ଣ୍ଣ ହୋଇଗଲା । ତେବେ ସେହି ରୋଗାବସ୍ଥା ଯାହାକି ପ୍ରକୃତରେ ମୃତାବସ୍ଥା ଥିଲା । ସେହି ମୃତାବସ୍ଥାର ଲକ୍ଷଣମାନ ଯେତେବେଳେ ଦୃଶ୍ୟମାନ ହେବାକୁ ଆରମ୍ଭ ହୋଇଗଲା ଅଥବା ସେହି ବାଳକଟି ପାଣିକୁ ଦେଖି ଭୟ କରୁଥିଲା ଏବଂ ଆଲୋକରୁ ପଳାୟନ କରୁଥିଲା । ସେତେବେଳେ ସେହି ଅବସ୍ଥାରୁ ସହସା ସ୍ୱାସ୍ଥ୍ୟାବସ୍ଥା ଆଡ଼କୁ ମୁହାଁଇଲା ଓ ସେହି ବାଳକ ଜଣକ କହିଲା ଯେ, ବର୍ତ୍ତମାନ ମୋତେ ଆଉ ପାଣିରୁ ଭୟ ଲାଗୁ ନାହିଁ । ଅତ) ସେତେବେଳେ ଉକ୍ତ ବାଳକକୁ ପାଣି ଦିଆଗଲା ଏବଂ ସେ ନିର୍ଭୀକ ଓ ନିଃଶଙ୍କୋଚ ଭାବରେ କେବଳ ଜଳପାନ କଲା ତାହା ନୁହେଁ ବରଂ ସେ ଜଳରୁ ୱଜୁ କରି ନମାଜ ମଧ୍ୟ ପାଠ କରିନେଲା ଓ ଅହୋରାତ୍ର ଶୟନ କଲା । ତା' ଠାରୁ ଭୟ ଓ ହିଂସ୍ରାବସ୍ଥା ଦୂରୀଭୂତ ହୋଇଗଲା । ଏପର୍ଯ୍ୟନ୍ତକି କିଛିଦିନ ପର୍ଯ୍ୟନ୍ତ ସେ ସଂପୂର୍ଣ୍ଣ ରୂପେ ଉକ୍ତ ରୋଗରୁ ସୁସ୍ଥ ହୋଇଗଲା । ମୋ ମନରେ ତତ୍କ୍ଷଣାତ୍ ଏକଥା ଜାତ କରାଗଲା ଯେ, ଏହି ପାଗଳପଣ ତଥା ଉନ୍ମତ୍ତତା ଅବସ୍ଥା ଯାହାକି ଉକ୍ତ ବାଳକରେ ସୃଷ୍ଟି ହୋଇଥିଲା ତାହା ଏଇଥିପାଇଁ ନଥିଲା ଯେ, ସେହି ଉନ୍ମତ୍ତତା ତା'କୁ ଶେଷ କରିଦେଉ । ବରଂ ତାହା ଏଇଥିପାଇଁ ଯେ, ପ୍ରଭୁଙ୍କର ନିଦର୍ଶନ ପ୍ରକଟିତ ହେଉ । ଅଭିଜ୍ଞ ବ୍ୟକ୍ତିମାନେ କୁହନ୍ତି ଯେ, ସଂସାରରେ କେବେ ବି ଏହା ଦେଖିବାକୁ ମିଳି ନାହିଁ ଯେ, ଏଭଳି ପରିସ୍ଥିତିରେ ଅର୍ଥାତ୍ ଯେତେବେଳେ କୌଣସି ବ୍ୟକ୍ତିକୁ ପାଗଳ କୁକୁର କାମୁଡ଼ି ଦିଏ ଓ ଉକ୍ତ ବ୍ୟକ୍ତି ଠାରେ ପାଗଳାମୀର ଲକ୍ଷଣ ଦେଖାଦିଏ ତେବେ ସେପରିପ୍ରେକ୍ଷୀରେ କୌଣସି ବ୍ୟକ୍ତି ଏହି ଅବସ୍ଥା ତଥା ଏହି ରୋଗରୁ ବର୍ତ୍ତି (ସୁସ୍ଥ) ହୋଇପାରିବ ନାହିଁ। ତେଣୁ ଏହାଠୁ ଅଧିକ ଉକ୍ତ କଥାର ଆଉ କ'ଣ ବା ପ୍ରମାଣ ହୋଇପାରେ ଯେ, କସୋଲି ଜିଲ୍ଲା ଚିକିତ୍ସାଳୟରେ ଇଂରେଜ ସରକାରଙ୍କ ତରଫରୁ ଯେଉଁ ଅଭିଜ୍ଞ ଚିକିତ୍ସକମାନେ କୁକୁର କାମୁଡ଼ା ଚକିତ୍ସା ନିମନ୍ତେ ନିଯୁକ୍ତ ହୋଇଛନ୍ତି ସେମାନେ ମୋ ତାର (ଟେଲିଗ୍ରାମ)ର ଉତ୍ତରରେ ସ୍ପଷ୍ଟ ଉଲ୍ଲେଖ କରିଦେଲେ ଯେ, ବର୍ତ୍ତମାନ ଉକ୍ତ (ବାଳକ) ରୋଗର ଆଉ କୌଣସି ଉପଚାର ହୋଇରପାରିବ ନାହିଁ । **(ତତିମ୍ମା ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-480-481)**

ହୁଜୁର ଅ.ସ ପୁନଶ୍ଚ ଆଲେକ୍ଜାଣ୍ଡାର ଡୋଇର ଚର୍ଚ୍ଚା କରି କୁହନ୍ତି: "ସେହି ଡୋଇ ଯିଏ ଆମେରିକା ଓ ଇଉରୋପ ଦୃଷ୍ଟିରେ ସମ୍ରାଟ୍‌ମାନଙ୍କ ପରି ନିଜର ଭବ୍ୟତା ଏବଂ ସୁନ୍ଦରତାର ଅଧିକାରୀ ଥିଲା । ତା'କୁ ପ୍ରଭୁ ମୋର ମୁବାହିଲା (ପରସ୍ପରକୁ ଅଭିଶାପ ଦେବା) ଏବଂ ମୋରି ଦୁଆରୁ ସଂହାର କଲେ ଓ ଏକ ଜଗତକୁ ମୋ ଆଡ଼କୁ ଆନତ କରିଦେଲେ । ଉକ୍ତ ଘଟଣା ପୃଥିବୀର ସମସ୍ତ ପ୍ରସିଦ୍ଧ ଖବରକାଗଜରେ ପ୍ରକାଶିତ ହୋଇ ବିଶ୍ୱବ୍ୟାପୀ ଏକ ପ୍ରସିଦ୍ଧି ରୂପେ ସାଧାରଣ ଓ ବିଶେଷ ଲୋକଙ୍କ ମୁଖରେ ଏହାର ଚର୍ଚ୍ଚା ହୋଇଥିଲା ।" **(ତତିମ୍ମା ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-533)"**

ପୁନଶ୍ଚ ଅନ୍ୟ ଏକ ନିଦର୍ଶନ ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: "ମୌଲବୀ ଗୁଲାମ୍ ଦସ୍ତଗିର କୁସୁରୀ ନାମକ ବ୍ୟକ୍ତି ନିଜ ତରଫରୁ ମୋ ସହିତ ମୁବାହିଲା କଲା ଓ ନିଜର ପୁସ୍ତକରେ ଦୁଆ କରିଥିଲା ଯେ, ଯିଏ ମିଥ୍ୟାବାଦୀ ଥିବ ପ୍ରଭୁ ତାହାର ବିନାଶ ଘଟାଇବେ ।" ଏହା ଏକପାକ୍ଷିକ ମୁହବାହିଲା ଥିଲା । ଏହି ଦୁଆ କରିବାର କିଛି ଦିନ ଗଲାପରେ ସେ ସ୍ୱୟଂ ମୃତ୍ୟୁବରଣ କଲା । ଏହା ବିରୋଧୀ ମୌଲବୀମାନଙ୍କ ପାଇଁ କିପରି ଭବ୍ୟ ନିଦର୍ଶନ ଥିଲା ଯଦି ସେମାନେ ଏହାକୁ ବୁଝିପାରି ଥାଆନ୍ତେ । **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ239)**

ପୁନଶ୍ଚ ଅନ୍ୟ ଏକ ନିଦର୍ଶନ ସଂପର୍କରେ ଆପଣ ଅ.ସ କୁହନ୍ତି: "ପ୍ରତ୍ୟେକ ନ୍ୟାୟପ୍ରିୟ ବ୍ୟକ୍ତି ମୌଲବୀ ଗୁଲାମ୍ ଦସ୍ତଗିର କୁସୁରୀର ପୁସ୍ତକକୁ ଦେଖି ବୁଝିପାରିବ ଯେ, ସେ କିପରି ନିଜ ଆଡୁ ମୋ ସହିତ ମୁବାହିଲା କଲା ଓ ନିଜର ପୁସ୍ତକ **'ଫୈଜେ ରହେମାନୀ'**ରେ ଉକ୍ତ ପ୍ରସଙ୍ଗକୁ ପ୍ରକାଶିତ କରିଦେଲା । ସେହି ମୌଲବୀ ମୁବାହିଲାର କିଛି ଦିନ ପରେ ମୃତ୍ୟୁବରଣ କଲା । ସେହିପରି ଜାମ୍ମୁର ଚିରାଗ୍ ଦିନ୍ ନିଜ ଆଡୁ ମୁବାହିଲା କଲା ଓ ଲେଖିଲା କି ଆମ ଦୁହିଁଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ ଥିବ ପ୍ରଭୁ ତାହାର ସଂହାର କରିଦେବେ । ଏହି ମୁବାହିଲାର କିଛି ଦିନ ପରେ ଚିରାଗ୍ ଦିନ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ନିଜର ଦୁଇ ପୁତ୍ରଙ୍କ ସମେତ ମୃତ୍ୟୁବରଣ କଲା ।" **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-71ର ବି.ଦ୍ର)** ହୁଜୁର ଅ.ସ କୁହନ୍ତି ସେହିପିର ଆଉ ଜଣେ ବିରୋଧୀ ଥିଲା ଯାହାର ନାଁ ହେଉଛି ମୌଲେବୀ ଜମ୍ମୁନୀ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ମୋର ଓ ମୋର ଜାତି ନାନା ପ୍ରକାରର ଆପତ୍ତି ଉପସ୍ଥାପିତ କରିଥାଏ । ମୁଁ ସେହି ଆପତ୍ତିଗୁଡ଼ିକୁ ଆଦୌ ଭୃକ୍ଷେପ କରୁ ନାହିଁ । ଯଦି ମୁଁ ଏସବୁକୁ ଭୃକ୍ଷେପ ବା ଖାତିର କରେ ତେବେ ଏହା ଅତ୍ୟନ୍ତ ଅବିଶ୍ୱାସ ହେବ ଯେ, ମୁଁ ସେହି ବିରୋଧୀମାନଙ୍କ ଠାରୁ ଭୟଭୀତ ହୋଇ ସତ୍ୟତାର ମାର୍ଗକୁ ପରିତ୍ୟାଗ କରିଦେବି ଏବଂ ସ୍ୱୟଂ ସେମାନଙ୍କୁ ଚିନ୍ତା କରିବା ଉଚିତ୍ ଯେ, ଜଣେ ବ୍ୟକ୍ତିକୁ ଈଶ୍ୱର ନିଜ ତରଫରୁ ଚକ୍ଷୁ ପ୍ରଦାନ କରିଛନ୍ତି ଏବଂ ସେ ଆପଣଙ୍କୁ ମାର୍ଗ ଦେଖାଇ ଦେବେ । ଏହାକୁ ନିଜ ବାର୍ତ୍ତାଳାପ ତଥା କଥୋପକଥନରୁ ସମ୍ମାନିତ କରିଛନ୍ତି ଏବଂ ହଜାର ହଜାର ସଂଖ୍ୟକ ନିଦର୍ଶନ ଏହାର ପୁଷ୍ଟି ନିମନ୍ତେ ପ୍ରଦର୍ଶିତ କରିଛନ୍ତି । ପ୍ରଭୁ କିପରି ଜଣେ ବିରୋଧୀର କପୋଳକଳ୍ପିତ କଥାକୁ ଗୁରୁତ୍ୱ ପ୍ରଦାନ କରି ସେହି ସତ୍ୟତାମୂଳକ ସୂର୍ଯ୍ୟ ଠାରୁ ମୁହଁ ବୁଲାଇ ପାରିବେ ? ଲୋକମାନଙ୍କ କଥାରୁ ପ୍ରଭାବିତ ହୋଇ ସତ୍ୟତାକୁ ତ' ପରିତ୍ୟାଗ କରିପାରିବେ ନାହିଁ । ମୁଁ ଏହି କଥାକୁ ଆଦୌ ଭୃକ୍ଷେପ କରୁ ନାହିଁ ଯେ, ଆଭ୍ୟନ୍ତରୀଣ ଓ ବାହ୍ୟ ବିରୋଧୀ ମୋର ଦୋଷ ଦୁର୍ବଳତା ପ୍ରଦର୍ଶନ କରିବାରେ ଅଭ୍ୟସ୍ତ ଅଟନ୍ତି । କାରଣ ତହିଁରୁ ମଧ୍ୟ ମୋର ଚମତ୍କାରିକତା ସାବ୍ୟସ୍ତ ହେଉଅଛି । କାରଣ ଏହିକି ଯେ, କିପରି ସାବ୍ୟସ୍ତ ହେଉଅଛି ଯେ, ମୁଁ ଯଦି ପ୍ରତ୍ୟେକ ପ୍ରକାରର ଦୋଷ ଦୁର୍ବଳତା, ଖୁଣ ନିଜ ମଧ୍ୟରେ ରଖିଥାଏ ଏବଂ ସେମାନେ ଯାହା କୁହନ୍ତି ଯେ, ଅମକ ଅମକ ଅବଗୁଣ ମୋ ଠାରେ ରହିଛି । ମୁଁ ଯଦି ପ୍ରତ୍ୟେକ ପ୍ରକାରର ଦୋଷଦୁର୍ବଳତା ନିଜ ମଧ୍ୟରେ ରଖେ ଏବଂ ସେମାନଙ୍କ କଥନ ଅନୁଯାୟୀ ମୁଁ ବିଶ୍ୱାସଘାତକତା, ପ୍ରତିଶୃତି ଭଙ୍ଗକାରୀ, ମିଥ୍ୟାବାଦୀ, ଦଜ୍ଜାଲ୍ (ପ୍ରବଞ୍ଚକ/ମାୟାବୀ) ଓ ମିଥ୍ୟାରୋପଣକାରୀ, ସନ୍ତକ ହନନକାରୀ ଅଟେ, ଅନୀତିଖୋର ବ୍ୟକ୍ତି ଅଟେ, ଜାତି ମଧ୍ୟରେ ଫାଟ ସୃଷ୍ଟିକାରୀ ବ୍ୟକ୍ତି ଅଟେ, ଉପଦ୍ରବ, ହିଂସାକାରୀ, ପାପୀ, ଅପରାଧୀ ଓ ପ୍ରଭୁଙ୍କ ଉପରେ ପ୍ରାୟ 30 ବର୍ଷ ପର୍ଯ୍ୟନ୍ତ ମିଥ୍ୟାରୋପଣ କରିଲି, ପୁଣ୍ୟବାନ ଓ ସଦାଚାରୀମାନଙ୍କୁ ଅପଶବ୍ଦ, ନିନ୍ଦା ଓ ଅପବାଦ ଦେଲି, ମୋର ଆତ୍ମାରେ ଦୁଷ୍ଟତା ଏବଂ ଖଳ ସ୍ୱଭାବ ବ୍ୟତୀତ ଆତ୍ମିକ ଉପାସନା, ଆତ୍ମସ୍ୱର୍ଥ ସର୍ବସ୍ୱ ବ୍ୟତୀତ ଅନ୍ୟ କିଛି ନାହିଁ ଏବଂ ସଂସାର ଏପରି କୌଣସି ଦୋଷଦୁର୍ବଳତା ନାହିଁ ଯାହାକି ମୋ...**(ଅବଶିଷ୍ଟାଂଶ ପରବର୍ତ୍ତୀ ....ସଂଖ୍ୟାରେ)**

## ପୃ -2 ର ବର୍ଣ୍ଣିତ ତଫସିର୍ ଆଁହଜରତ ସ.ଅଙ୍କ ବ୍ୟତୀତ ଅନ୍ୟ କେହିବି ପୂର୍ଣ୍ଣ ଭକ୍ତ ନୁହନ୍ତିର ଅବଶିଷ୍ଟାଂଶ ..........

କରାଯାଇଛି ଯେଉଁ ବିଦ୍ୟା ଏହା ପୂର୍ବରୁ ଅନ୍ୟମାନଙ୍କୁ ପ୍ରଦାନ କରାଯାଇ ନାହିଁ। ଏହି ପୂର୍ବ ଅବତାରମାନଙ୍କ ମଧ୍ୟରେ ହ. ମୁସା ଅ.ସ, ହ. ଇସା ଅ.ସ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ଠିକ୍ ସେହିପରି ଅଲ୍ଲାଃତାଲା କୁହନ୍ତି وَاِنَّكَ لَتُلَقَّى الْقُرْاٰنَ مِنْ لَّدُنْ حَكِيْمٍ عَلِيْمٍ **(ଅନ୍ ନମଲ୍: 7)** ଅର୍ଥାତ୍ ଏବଂ ତୁମ୍ଭମାନଙ୍କୁ ପବିତ୍ର କୁରଆନ୍ କରୀମ୍ ଗ୍ରନ୍ଥ ନିଶ୍ଚିତ ରୂପେ ତାହାଙ୍କ ଠାରୁ ପ୍ରାପ୍ତ ହୋଇଅଛି ଯେ, ତତ୍ତ୍ୱଜ୍ଞ ଓ ସର୍ବଜ୍ଞ ଅଟନ୍ତି । ସେହିପିର ଅଲ୍ଲାଃତାଲ ରସୁଲୁଲ୍ଲାଃ ସ.ଅଙ୍କୁ ଏହି ଦୁଆ ଶିଖାଇଛନ୍ତି ଯେ, وَقُلْ رَّبِّ زِدْنِيْ عِلْمًا **(ତାହା: 115)** ଅର୍ଥାତ ହେ ମୁହମ୍ମଦ ସ.ଅ ! ତୁମ୍ଭେ କୁହ କି ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭର ଜ୍ଞାନକୁ ବୃଦ୍ଧି କର । ଆମ୍ଭର ଜ୍ଞାନକୁ ଆହୁରି ବୃଦ୍ଧି କର । **(ତଫସିର୍ କବିର୍, ଭାଗ-4, ପୃ-476, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)**

☆ ☆ ☆

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan